## ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ

ବାଲିଅନ୍ତା,(ନୀଳମାଧବ ସାହୁ): ବାଲିଅନ୍ତା ବଂଶୀବିହାର ପାଣ୍ଡରା ସାଇଶ୍ରଦ୍ଧା ମନ୍ଦିର ହାଇଟେକ ଛକ ସାଇ ମନ୍ଦିର ଓ ଶୈଳଶ୍ରୀ ବିହାର ମା' ମଙ୍ଗଳା ବଜାରସ୍ଥିତ ଶିରିଡ଼ି ସାଇ ବାବାଙ୍କ ମନ୍ଦିରରେ ସୋମବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସାଇ ମନ୍ଦିରରେ ଆଳତି, ମହାଭିଷେକ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଯଜ୍ଞ, ସାଇ ସତ୍‌ଚରିତ ପାଠ ଓ ଶେଷ ଆଳତି ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାଣ୍ଡରାସ୍ଥିତ ସାଇଶ୍ରଦ୍ଧା ମନ୍ଦିରରେ ପାଲିଙ୍କି ଯାତ୍ରା ଓ ଭଜନ ସମାରୋହ ହୋଇଥିଲା।

### ସଂକ୍ଷେପରେ

## ଅବସରପ୍ରାପ୍ତ ଡାକ୍ତରଙ୍କ ଘରୁ ଚୋରି

### ନେଇଗଲେ ସୁନା ଅଳଙ୍କାର, ଟଙ୍କା

ଭୁବନେଶ୍ୱର,୩।୭(ସୂର୍ଯ୍ୟକାନ୍ତ ବେହେରା): ରାଜଧାନୀରେ ଦିନକୁ ଦିନ ଲୁଟେରା ଓ ଚୋରଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଗତ ସପ୍ତାହ ମଧ୍ୟରେ ସହରରେ ଏକାଧିକ ଚୋରି ଓ ଲୁଟ୍ ମାମଲା କମିଶନରେଟ୍ ପୋଲିସର ଚିନ୍ତା ବଢ଼ାଇଛି। ଏଭଳିସ୍ଥିତିରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରୀ ବିହାର ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ଡାକ୍ତର ଶରତ କୁମାର ପାଇକରାୟଙ୍କ ଘରେ ପଶି ସୋମବାର ଦିବାଲୋକରେ ଦୁର୍ବୃତ୍ତମାନେ ସୁନାଗହଣା,ଟଙ୍କା ଆଦି ଚୋରି କରିନେଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ, ଶରତ ଦିନ ପ୍ରାୟ ୧୨ଟାରେ ଘର ବନ୍ଦ କରି ନିକଟ ପାର୍କକୁ ଚାଲିବାକୁ ଯାଇଥିଲେ। ଏକ ଘଣ୍ଟା ପରେ ସେ ଘରକୁ ଫେରିବା ବେଳେ ହାଇ ସିକ୍ୟୁରିଟି ତାଲାକୁ ଦୁର୍ବୃତ୍ତମାନେ ତାଡି ଆଲମାରିରେ ଥିବା ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ବହୁ ମୂଲ୍ୟବାନ ଜିନିଷପତ୍ର ଚୋରିକରି ନେଇଥିବା ଜାଣିବାକୁ ପାଇଥିଲେ। ଖବର ପାଇ ସାଇଣ୍ଟିଫିକ ଟିମ ସହାୟତାରେ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲା। ଡିସିପି ପ୍ରତୀକ ସିଂ ଘଟଣାସ୍ଥଳକୁ ଆସି ଅଧିକ ଯାଞ୍ଚ କରିଥିଲେ। ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜକୁ ସଂଗ୍ରହକରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି।

## ସାହିତ୍ୟ ପତ୍ରିକା 'ପାଇକ ବାର୍ତ୍ତା' ଉନ୍ମୋଚିତ

ଭୁବନେଶ୍ୱର, ୩।୭ (ବନ୍ଦନା ସେଠୀ)- ଓଡ଼ିଶା ଅତୀତ ଇତିହାସର ଶୌର୍ଯ୍ୟ, ବୀର୍ଯ୍ୟ, ଐତିହ୍ୟ ଓ ବୀରତ୍ୱ କାହାଣୀକୁ ନେଇ ପ୍ରସ୍ତୁତ ତ୍ରୈମାସିକ ସାହିତ୍ୟ ପତ୍ରିକା 'ପାଇକ ବାର୍ତ୍ତା' ସୋମବାର ଶାସ୍ତ୍ରୀନଗରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ସାହିତ୍ୟ ସମ୍ମିଳନୀରେ ଉନ୍ମୋଚିତ ହୋଇଯାଇଛି। ସମ୍ପାଦକ ଡ. ଦିଲୀପ ଶ୍ରୀଚନ୍ଦନ ସଭାପତିତ୍ୱ କରି କହିଲେ, ଓଡ଼ିଆମାନେ ଏକ ବୀରଜାତି ରୂପେ ପ୍ରାଚୀନ ଇତିହାସରୁ ଆଧୁନିକ ଇତିହାସ ପର୍ଯ୍ୟନ୍ତ ନିଜର ପରକାଷ୍ଠା ପ୍ରଦର୍ଶନ କରି ଆସିଛନ୍ତି। ଓଡ଼ିଆ ପାଇକଙ୍କ ସାହାଯ୍ୟରେ ଓଡ଼ିଶାର ଗଜପତିମାନେ ଆମ ରାଜ୍ୟର ସୀମାରେଖା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲେ। ଯୁବପିଢ଼ୀ ମଧ୍ୟରେ ବିଶେଷକରି ନୂତନ ବଂଶଧରଙ୍କ ଭିତରେ ଅତୀତ ଇତିହାସର ଏହି ଗୌରବୋଜ୍ଜ୍ୱଳ ତଥ୍ୟକୁ ଉପସ୍ଥାପନ କରିବା ସହିତ ଭାରତକୁ ସ୍ୱାଧୀନ କରିବାରେ ଭୂମିକା ସମ୍ପର୍କରେ ଅନେକ ତଥ୍ୟ ଏହି ପତ୍ରିକାରେ ସ୍ଥାନ ପାଇଛି ବୋଲି ଡ. ଶ୍ରୀଚନ୍ଦନ କହିଥିଲେ। ପାଇକ ବାର୍ତ୍ତାର ପ୍ରତିଷ୍ଠାତା ତଥା ଗୀତିକାର ହରିବନ୍ଧୁ ମଙ୍ଗରାଜ, କାର୍ଯ୍ୟକାରୀ ସମ୍ପାଦକ କବି ନିଶିକାନ୍ତ କହଲସିଂହ, ତ୍ରିଲୋଚନ ଦାସ, ଓଡ଼ିଶା ପାଇକ ଆଖାଡା ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, କଣ୍ଠଶିଳ୍ପୀ ପ୍ରଶାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପତ୍ରିକା ପାଇଁ ଲେଖା ପ୍ରଦାନ କରିବାକୁ ଡ. ଶ୍ରୀଚନ୍ଦନ ଅନୁରୋଧ କରିଥିଲେ।

# ରାଜଧାନୀରୁ ଧରାପଡ଼ିଲେ ତିନି ସିନ୍ଧିଚୋର

- ସୁନା,ରୁପା, ଗାଡ଼ି,ମୋବାଇଲ ଆଦି ଜବତ
- ଏଏସଓଙ୍କ ଘରୁ କଳାକନା ବୁଲାଇଥିଲେ





ଗିରଫ ୩ ଅଭିଯୁକ୍ତ ଓ ଜବତ ଚୋରି ସାମଗ୍ରୀ।

ଭୁବନେଶ୍ୱର,୩।୭(ସୂର୍ଯ୍ୟକାନ୍ତ ବେହେରା)

ବିଧାନସଭା ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସଓ)ଙ୍କ ଘରୁ କଳାକନା ବୁଲାଇବା ଘଟଣାର କ୍ୟାପିଟାଲ ଥାନା ପୋଲିସ ପର୍ଦ୍ଦାଫାସ କରିଛି। ଏହାସହ ଘଟଣାରେ ସିନ୍ଧିଚୋର ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ପପୁ ଓରଫ ସୁରେଶ ନାୟକ, ପିଙ୍କୁ ଓରଫ କାହ୍ନା ପ୍ରଧାନ ଓ ଦିଲୀପ ବିଶୋଇ। ଏମାନଙ୍କଠାରୁ ୪୦ ଗ୍ରାମର ସୁନା ଅଳଙ୍କାର (୨ ସୁନା ଚେନ,ହଳେ ଚୁଡ଼ି ଓ ମୁଦି ), ୮୦ ଗ୍ରାମ ରୁପା (ପାଉଁଜି,ଚୁଡ଼ି,ଝୁଣ୍ଟିଆ), ୩ ମୋଟର ସାଇକେଲ ସହ ଚାବି, ୨ ଟିଭି, ଗୋଟିଏ ଲାପଟପ, ଗୋଟିଏ ଟ୍ୟାବ, ମୋବାଇଲ ଫୋନ୍, ଘଣ୍ଟା ଓ ୨ଟି କାର ଚାବି ଏବଂ ଚୋରିରେ ବ୍ୟବହୃତ ବହୁ ସାମଗ୍ରୀ ଜବତ କରାଯାଇଛି। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଆସିଷ୍ଟାଣ୍ଟ ସେକ୍ସନ ଅଫିସର ପ୍ରଣବ ପଣ୍ଡା ୟୁନିଟ-୬ରେ ଥିବା ସରକାରୀ କ୍ୱାର୍ଟର୍ସ ନଂ. ଆଇଭିଆର-୨୧ରେ ରୁହନ୍ତି। ଗତ ୨୫ ତାରିଖରେ ପରିବାର ସହ ପୁରୀ ବୁଲିବାକୁ ଯାଇଥିଲେ। ରାତି ୨ଟାରେ ବୁଲାବୁଲି ସାରି ଘରକୁ ଫେରିଥିଲେ।ଏହି ସମୟରେ ଗେଟ ତାଲା ଭଙ୍ଗା ଯାଇଥିବା ଦେଖିବା ସହ ଘରେ ଭିତରେ ଥିବା ସମସ୍ତ ମୂଲ୍ୟବାନ ଜିନିଷ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଘଟଣା ସଂକ୍ରାନ୍ତରେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୦୨/୨୩ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ରବିବାର ନ'ତାଲା ପଛ ପଟ କେଶରୀନଗର ବସ୍ତିରେ ଚଢାଉ କରି ସେମାନଙ୍କୁ ଧରିବାରେ ସଫଳ ହୋଇଛି। ଅପରପକ୍ଷେ ଅଭିଯୁକ୍ତମାନେ ଗତ କିଛିଦିନ ଧରି ରାଜଧାନୀରେ ବିଳମ୍ବିତ ରାତିରେ ଲୁଟ୍‌ପାଟ୍ କରୁଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ଏହାସହ ନୟାପଲ୍ଲୀ ଅଞ୍ଚଳରୁ ମଧ୍ୟ ଜଣେ ବ୍ୟକ୍ତି ଘର ଝରକା ବାଟେ ପଶି ଚୋରି କରିଥିବା ଜଣାପଡିଛି ।




ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍‌ମୁକ୍ତ ଦିବସ ପାଳନ ଅବସରରେ ଭୁବନେଶ୍ୱର ୱାର୍ଡ ନଂ.୬ରେ ସତ୍ୟନଗର ଲେଡିସ୍ ଫୋରମ୍ ଏବଂ ଜୟ ଓଡ଼ିଶା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ। (ଫଟୋ-ମନୋରଞ୍ଜନ)

# ଆନ୍ଦୋଳନକୁ ଓହ୍ଲାଇବେ ୧୦ ରାଜନୈତିକ ଦଳ

### ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ଓ ବିଦ୍ୟୁତ୍ ସଂକଟର ପ୍ରତିବାଦ

ଭୁବନେଶ୍ୱର,୩।୭(ଅନୁରାଧା ମହାରଣା)

ପନିପରିବା ଭଳି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦର ବୃଦ୍ଧି ସାଧାରଣ ଲୋକଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ସେହିପରି ଟାଟା କମ୍ପାନୀ ଦ୍ୱାରା ବିଦ୍ୟୁତ୍ ଗ୍ରାହକଙ୍କୁ ଶୋଷଣ ସହ ଘନ ଘନ ବିଜୁଳି କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବା ଅଭିଯୋଗ ନେଇ ବଡ଼ ଆନ୍ଦୋଳନର ଆହ୍ୱାନ ଦେଇଛି ଓଡ଼ିଶା ବଞ୍ଚାଅ ଅଭିଯାନ। ୧୦ ରାଜନୈତିକ ଦଳକୁ ନେଇ ଗଠିତ ଅଭିଯାନ ପକ୍ଷରୁ ସ୍ଥାନୀୟ ନେତାଜୀ ଭବନରେ ସୋମବାର ଏକ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସମସ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ସ୍ମାରକପତ୍ର ପ୍ରଦାନ କରାଯିବ। ଭାଜପା ବିରୋଧରେ ଥିବା ଓଡ଼ିଶାର ସମସ୍ତ ଅଣବିଜେଡି ଦଳଗୁଡ଼ିକୁ ଏକାଠି କରି ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରହିବ । କଂଗ୍ରେସ ସମେତ ସମସ୍ତ ସମଭାବାପନ୍ନ ଦଳ ସହିତ ଆଲୋଚନା କରାଯିବ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମତାକ୍ରାନ୍ତି ଦଳ, ସିପିଆଇ, ସିପିଆଇ(ଏମ) ସିପିଆଇ-ଏମ୍‌ଏଲ(ଲିବରେଶନ), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ଆର୍‌ଜେଡି, ଆର୍‌ପିଆଇ, ସମୃଦ୍ଧ ଓଡିଶା, ସିପିଆଇଏମ୍‌ଏଲ୍ (ରେଡ୍‌ଷ୍ଟାର)ର ରାଜ୍ୟ ନେତୃବୃନ୍ଦ ଯୋଗଦେଇ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଜୁନ୍‌ରେ ନିଅଣ୍ଟିଆ ବର୍ଷା ହୋଇଥିବାରୁ କୃଷି କ୍ଷେତ୍ରରେ ସଂକଟ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ବଣ୍ଟନରେ ଦୁର୍ନୀତି, ଜାଲିଆତି ଓ ପକ୍ଷପାତିତା କାରବାର ଜାରି ରହିଛି। କୃଷକଙ୍କୁ ଠିକ୍ ସମୟରେ ବିହନ, ସାର, ଔଷଧ, ବ୍ୟାଙ୍କ ଋଣ ଇତ୍ୟାଦି ମିଳିବା ପାଇଁ କୌଣସି ଯୋଜନା ନାହିଁ। ଉଭୟ ସରକାର ଜନସାଧାରଣଙ୍କ ସମସ୍ୟାକୁ ଅଣଦେଖା କରି ପ୍ରସଙ୍ଗ ବଦଳାଇବା ରାଜନୀତିରେ ସିଦ୍ଧହସ୍ତ ବୋଲି ସେମାନେ ମତ ଦେଇଥିଲେ। ରାଜନୈତିକ ଦଳର ନେତୃବୃନ୍ଦଙ୍କ ମଧ୍ୟରେ ଅଳିକିଶୋର ପଟ୍ଟନାୟକ, ଅଭୟ ସାହୁ, ଅଶୋକ ପ୍ରଧାନ, ଜ୍ୟୋତି ରଞ୍ଜନ ମହାପାତ୍ର, ରବି ବେହେରା, ହେମନ୍ତ କୁମାର, ଶେଖ ଅବଦୁଲ ୱାଲୀ, ନିରାକାର ବେଉରା, ପ୍ରମିଳା, ଆଶିଷ କାନୁନ୍‌ଗୋ, ସୁରେଶ ପାଣିଗ୍ରାହୀ, ମହେନ୍ଦ୍ର ପରିଡା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଶରତ ଚରଣ ଜେନା, ତୁଷାର ରଞ୍ଜନ ପଣ୍ଡା, ଅରୁଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସନସାଇନ୍ ହସ୍ପିଟାଲ ପକ୍ଷରୁ ବାଇପୋର୍ଟାଲ ଏଣ୍ଡୋସ୍ପାଇନ ସର୍ଜରି କର୍ମଶାଳା

ଭୁବନେଶ୍ୱର,୩।୭: (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ସନ୍‌ସାଇନ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏକ ଦିନିକିଆ ଜାତୀୟ କର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ 'ବାଇପୋର୍ଟାଲ ଏଣ୍ଡୋସ୍ପାଇନ ସର୍ଜରି'ର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ସହିତ ଏକ ଲାଇଭ୍ ବାଇପୋର୍ଟାଲ ଏଣ୍ଡୋସ୍ପାଇନ ସର୍ଜରି ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଉକ୍ତ କର୍ମଶାଳାରେ ସନ୍‌ସାଇନ ହସ୍ପିଟାଲର ବାଇପୋର୍ଟାଲ ଏଣ୍ଡୋସ୍ପାଇନ ସର୍ଜରି ବିଭାଗର ମୁଖ୍ୟ ଡା. ଆତ୍ମାରଞ୍ଜନ ଦାଶଙ୍କ ସମେତ ସନ୍‌ସାଇନ ହସ୍ପିଟାଲର ଡାଇରେକ୍ଟର ତଥା ସ୍ନାୟୁ ବିଭାଗର ମୁଖ୍ୟ ଡା.ପୟୋଦ କୁମାର ଜେନା, ନ୍ୟୁରୋ ଆଣ୍ଡ ସ୍ପାଇନ ସର୍ଜରି ବିଭାଗର ମୁଖ୍ୟ ତଥା ଡାଇରେକ୍ଟର ଏବଂ ପ୍ରିନ୍ସିପାଲ କନ୍‌ସଲଟାଣ୍ଟ ବ୍ରିଗେଡିୟର ପ୍ରଫେସର ଡା. ପ୍ରଫୁଲ୍ଲ କୁମାର ସାହୁ, ଡାଇରେକ୍ଟର ଡା. ଅୟସକାନ୍ତ ମହାନ୍ତି ଏବଂ ଡା. ରୋଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଦେଶବିଦେଶର ବହୁ ସୁନାମଧନ୍ୟ ବିଶେଷଜ୍ଞ ଉକ୍ତ କର୍ମଶାଳାରେ ଅଂଶଗ୍ରହଣ କରି ବାଇପୋର୍ଟାଲ ଏଣ୍ଡୋସ୍ପାଇନ ସର୍ଜରି ଉପରେ ଅତ୍ୟନ୍ତ ଉପାଦେୟ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଡା. ଆତ୍ମାରଞ୍ଜନ ଦାଶ ଆତ୍ୟାଧୁନିକ ସ୍ପାଇନ ସର୍ଜରି ଉପରେ ଏକ ସୁନ୍ଦର ଉପସ୍ଥାପନା କରିଥିଲେ, ଯାହା ବେଶ୍ ଗବେଷଣାଭିତ୍ତିକ ଓ ଉପାଦେୟ ରହିଥିଲା। ଉକ୍ତ କର୍ମଶାଳାରେ ଡା. ଆତ୍ମାରଞ୍ଜନ ୨ ଜଣ ଅଣ୍ଟା ବ୍ୟଥା ଭୋଗୁଥିବା ସିଆଟିକା ରୋଗୀଙ୍କର ବାଇପୋର୍ଟାଲ ଏଣ୍ଡୋସ୍ପାଇନ ସର୍ଜରି ପ୍ରଦର୍ଶନ କରିଥିଲେ। ସନ୍‌ସାଇନ ହସ୍ପିଟାଲର ସିଇଓ ରାଜେଶ ଦତ୍ତ କହିଛନ୍ତି ଏଭଳି ଏକ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ସର୍ବନିମ୍ନ ଖର୍ଚ୍ଚ ସହ ସବୁ ବର୍ଗର ଲୋକଙ୍କୁ ସୁହାଇବା ଭଳି ସ୍ୱତନ୍ତ୍ର ପ୍ୟାକେଜ ସନ୍‌ସାଇନ ହସ୍ପିଟାଲ୍ ପକ୍ଷରୁ ଘୋଷଣା କରାଯାଇଛି।




ସନ୍‌ସାଇନ୍ ହସ୍ପିଟାଲ ପକ୍ଷରୁ ଅନୁଷ୍ଠିତ ଦିନିକିଆ କର୍ମଶାଳାରେ ଅତିଥିମାନେ।

# କେତେବେଳେ କଡ଼ା ତ, ଆଉ କେତେବେଳେ ଢିଲା

### ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ କଟକଣା

- ଖୋଲାଖୋଲି, ଲୁଚାଛପାରେ ବିକ୍ରି ଚାଲିଛି ପଲିଥିନ୍
- ନିୟମ ମାନୁନାହାନ୍ତି ଦୋକାନୀ, ବାଧ କରୁଛନ୍ତି ଗ୍ରାହକ



ଭୁବନେଶ୍ୱର,୩।୭(ଅଭିଜିତ ଦାସ)

ରାଜ୍ୟରେ ଏକକ ବ୍ୟବହରଯୋଗ୍ୟ ପ୍ଲାଷ୍ଟିକ (୨୦ ମାଇକ୍ରନ୍‌ରୁ କମ୍)କୁ ନିଷିଦ୍ଧ କରାଯାଇଛି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ପ୍ଲାଷ୍ଟିକ୍ ପ୍ରଦୂଷଣ ବୃଦ୍ଧି ପାଇବା ସତ୍ତ୍ୱେ ଏହାର କାରବାରକୁ ବନ୍ଦ କରାଯାଇପାରି ନାହିଁ। କେତେକ ନିର୍ଦ୍ଦିଷ୍ଟ ଦିନ ଆସିଲେ କିମ୍ବା ମନେ ପଡିଲେ ହଠାତ୍ ଚଢ଼ାଉ କରାଯିବା ସହ ପଦକ୍ଷେପ ନିଆଯାଉଛି। ମାତ୍ର ନିୟମିତ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଧୀରେ ଧୀରେ ପୁଣି ସେହି ବେଆଇନ ପ୍ଲାଷ୍ଟିକ୍ ସହ ଲୋକେ ଅଭ୍ୟସ୍ତ ହୋଇଯାଉଛନ୍ତି। ଏପରିକି ଲୋକେ ପ୍ଲାଷ୍ଟିକ୍ ବ୍ୟାଗ୍ ଦେବାକୁ ବାଧ କରିବା ସହ ଜିନିଷପତ୍ର ନେଉ ନ ଥିବାରୁ ଦୋକାନୀମାନେ ଏହାକୁ ଲୁଚାଛପରେ ରଖି ବେପାର କରୁଥିବା ଜଣାପଡିଛି।

କେନ୍ଦ୍ର ସରକାର ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ନିଷିଦ୍ଧ ଘୋଷଣା କରିବାର ୪ ବର୍ଷ ପୂର୍ବରୁ ରାଜ୍ୟ ସରକାର ଏହା ଉପରେ କଡା ଆଇନ ଆଣିଥିଲେ। ବ୍ୟବସାୟୀ ହୁଅନ୍ତୁ କି ବ୍ୟବହାରକାରୀ, ସମସ୍ତଙ୍କୁ ୫ ଶହ ଟଙ୍କାରୁ ୫ ହଜାର ଟଙ୍କା ଯାଏ ଜରିମାନ ସହ ଜେଲ ଦଣ୍ଡର ବ୍ୟବସ୍ଥା ହୋଇଥିଲା। ଏହାପରେ ରାଜ୍ୟରେ ପେପର ବ୍ୟାଗ ଶିଳ୍ପ ବହୁମାତ୍ରାରେ ଗଢିଉଠିଥିଲା। ରାଜଧାନୀରେ ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ ଲଗାଇବା ଲାଗି ଉଭୟ ବିଏମ୍‌ସି ଓ ବିଡିଏ ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ନିୟୋଜିତ କରାଯାଇଥିଲା। କିନ୍ତୁ କାର୍ଯ୍ୟାନୁଷ୍ଠାନ ଠିକ୍ ଭାବେ ହେଉ ନ ଥିବାରୁ ସହରର ପରିବେଶ ପୁଣି ପଲିଥିନ୍ ଆର୍ବଜନାରେ ଭର୍ତ୍ତି ହେବାରେ ଲାଗିଛି। ଅନ୍ୟପକ୍ଷରେ ପେପର ବ୍ୟାଗ ଶିଳ୍ପ ଅନୁଷ୍ଠାନଗୁଡିକ ଧିରେ ଧିରେ ଅଚଳାବସ୍ଥା ହୋଇପଡିଛି। ସେହିଭଳି ଦୁଗ୍ଧ ପ୍ୟାକେଟ ଲାଗି ବ୍ୟବହାର ହେଉଥିବା ଜରିକୁ ଘରକୁ ଘର ବୁଲି ସଂଗ୍ରହ କରାଯିବ ବୋଲି ବିଏମ୍‌ସିର ଘୋଷଣା ଏବେ ନାଳିଫିତା ତଳେ ପଡିରହିଛି । ଏନେଇ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ବିଶ୍ୱସ୍ତରରେ ପ୍ରତି ସେକେଣ୍ଡରେ ୧ ଲକ୍ଷ ୬୦ ହଜାର ସଂଖ୍ୟାର ପଲିଥିନ ବ୍ୟାଗ ପ୍ରସ୍ତୁତ ହେଉଛି। ଯଦି ଆକଳନକୁ ଦେଖାଯାଏ ପ୍ରତିବର୍ଷ ୫ରୁ ୭ ଟ୍ରିଲିୟନ ପଲିଥିନ ବ୍ୟବହାର କରାଯାଉଛି, ଯାହା ପରିବେଶ ଓ ବନ୍ୟଜନ୍ତୁ ଏବଂ ମନୁଷ୍ୟ ଜଗତ ପ୍ରତି ବିପଦ ସୃଷ୍ଟି କରୁଛି। ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ୍ ଲାଗୁଥିଲେ ମଧ୍ୟ ବିଭିନ୍ନ ସମୟରେ ଦୋକାନ ବଜାରରେ ଏହାର ବ୍ୟବହାର ବଢିଚାଲିଛି। କାରବାର ସଂଙ୍କୁଚିତ ନ ହେଲେ ପରିବେଶଚକ୍ରରେ ବାଧା ସୃଷ୍ଟି ହେବ। ଡକ୍ଟର ସୂର୍ଯ୍ୟପ୍ରକାଶ ଚୌଧୁରୀ କହିଛନ୍ତି, ବର୍ତ୍ତମାନ ବହୁଳ ମାତ୍ରାରେ ପ୍ଲାଷ୍ଟିକ ବ୍ୟବହାର କରାଯାଉଛି। ନାନୋ ପ୍ଲାଷ୍ଟିକ ଓ ମାଇକ୍ରୋ ପ୍ଲାଷ୍ଟିକରେ ଥିବା କାର୍ବନ ଡାଇଅକ୍‌ସାଇଡ, କ୍ଲୋରିନ୍, ସଲ୍‌ଫର ଜାତୀୟ ବିଷାକ୍ତ କେମିକାଲଗୁଡିକ ସ୍ୱାସ୍ଥ୍ୟ ପ୍ରତି ବପଦ ସୃଷ୍ଟି କରେ। ଶରୀରରେ ଶ୍ୱାସଜନିତ ଓ କ୍ୟାନସର ଭଳି ମାରାତ୍ମକ ରୋଗ ହୋଇଥାଏ। ସାବଧାନତା ନ ହେଲେ ଆଗାମୀ ଦିନରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ଼ ବିପଦ ଆସିବ ବୋଲି ସେ ଚେତାଇ ଦେଇଛନ୍ତି।

## ଗାଈ ପାଟିରେ ବୋମା ଫୁଟିଲା

ବାରଙ୍ଗ, ୩।୭ (ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ଗୋଡିସାହି ଗ୍ରାମର ପ୍ରମୋଦ ବେହେରାଙ୍କ ଗାଈ ସୋମବାର ଅପରାହ୍ନରେ ନିକଟସ୍ଥ ଜଙ୍ଗଲକୁ ଚରିବାକୁ ଯାଇଥିଲା। ଜଙ୍ଗଲରେ ଚରୁଥିବାବେଳେ କେହି ଶିକାରି ବାର୍ହା ଶିକାର କରିବା ପାଇଁ ଖଞ୍ଜିଥିବା ଅଫୁଟା ବୋମାଟିକୁ ଗାଈଟି ଖାଇଦେଇଥିଲା। ବୋମାଟି ଖାଇବା କ୍ଷଣି ଗାଈ ପାଟିରେ ଫାଟିଯିବାରୁ ତା'ର ଅବସ୍ଥା ସଙ୍କଟାପନ୍ନ ହୋଇଯାଇଛି। ଖବରପାଇ ବାରଙ୍ଗରୁ ପ୍ରାଣୀଧନ ଚିକିତ୍ସକମାନେ ଘଟଣାସ୍ଥଳରେ ପହଞ୍ଚି ଗାଈଟିର ଚିକିତ୍ସା କରିଛନ୍ତି।

## ଜାତୀୟ ହୋମିଓପାଥିକ୍ ସମ୍ମିଳନୀ




ଭୁବନେଶ୍ୱର, ୩।୭ (ବନ୍ଦନା ସେଠୀ)

ହୋମିଓପାଥିକ୍ ଶିକ୍ଷା ଓ ଗବେଷଣା ଏକାଡେମୀ ପକ୍ଷରୁ ଜାତୀୟ ହୋମିଓପାଥିକ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀକାନ୍ତ ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଧାନସଭାର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡା. ଦତ୍ତେଶ୍ୱର ଯୋଗଦେଇ ହୋମିଓ ଶିକ୍ଷା ଓ ଚିକିତ୍ସାକୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଂଗଠନିକ ସମ୍ପାଦକ ଡା. ପ୍ରମୋଦ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡା. ଯୋଗେଶ ସେହଗାଲ୍ ମାନସିକ ଲକ୍ଷଣ ଉପରେ ଭିତ୍ତିଭୂମି ସ୍ଥାପନ କରିପାରିଲେ ହୋମିଓପାଥିକ୍ ଚିକିତ୍ସା ଅଧିକ ଫଳପ୍ରଦ ବୋଲି ଦର୍ଶାଇଥିଲେ। ଏହି ଅବସରରେ ସ୍ମରଣିକା 'ଡାଇନାମିସ୍' ଲୋକାର୍ପିତ ହୋଇଥିଲା। ସହ ଉପାଧ୍ୟକ୍ଷ ଡା. ବାନାମ୍ବର ପରିଡା ଧନ୍ୟବାଦ ଦେଇଥିଲେ। ସଂସ୍କୃତି ବିଭାଗ ଦ୍ୱାରା ପଞ୍ଚମ ବେଦ ନାଟକ 'ପେଣ୍ଟେଡ୍ ମେଡିସିନ୍' ପରିବେଷିତ ହୋଇଥିଲା।

# 'ଜଣେ ଲେଖକ କଲମର କାଳି ଭରିବାକୁ ସକ୍ଷମ ହେଉ'

*ଓଡ଼ିଆ ଭାଷା, ସାହିତ୍ୟ ପାଇଁ କିଛି କରିବାର ନିଶା। ଲେଖାରେ ତାଙ୍କର ଖାଣ୍ଟି ଓଡ଼ିଆ। କେବେ ପୁସ୍ତକ ଓ କବିତା ମାଧ୍ୟମରେ ତ ଆଉ କେବେ ସୁନ୍ଦର ଗୀତ ଓ କାହାଣୀ ଲେଖି ଦର୍ଶକ, ପାଠକ, ଶ୍ରୋତାଙ୍କ ପାଖେ ଭେଟି ଦିଅନ୍ତି ଓଡ଼ିଆ କଳା, ସାହିତ୍ୟ, ସଂସ୍କୃତିର ଝୁଙ୍କ। ୩ଟି କବିତା ପୁସ୍ତକ, ୫୦ରୁ ଅଧିକ ଗୀତ ଓ ଚଳଚ୍ଚିତ୍ର କାହାଣୀ ଲେଖିବା ସହ ଅଭିନୟ କରିବାର ବହୁମୁଖୀ ପ୍ରତିଭା ହେଉଛନ୍ତି ସୁମିତ ପଣ୍ଡା। ଇଞ୍ଜିନିୟରିଂ ପରେ ଆଇଟି ଚାକିରି ସହ ସାହିତ୍ୟ ଓ ସିନେମାକୁ ସମୟ ଦେଇ ଆଗକୁ ବଢ଼ିଚାଲିବା ସତରେ ପ୍ରଶଂସନୀୟ। ୨୦୧୭ରେ ତାଙ୍କର ୨ଟି ପୁସ୍ତକ 'ଅଚିହ୍ନା ଜହ୍ନ' ଓ 'ଆଞ୍ଜୁଳାଏ ଆକାଶ' ଏବଂ ୨୦୨୧ରେ 'କେଜାଣି କାହା ଅପେକ୍ଷାରେ' ପୁସ୍ତକ ପ୍ରକାଶ ପାଇଥିଲା। ନିକଟରେ ସେ ଚଳଚ୍ଚିତ୍ର 'ଆଦିୟୁ ଗୋଦାର୍ଡ'ରେ ଅଭିନୟ, 'ବ୍ୟାସେ ଶୁଣୁଛ'ର କାହାଣୀ ଲେଖକ, 'ଫାଲଗୁନ ଚୈତ୍ର' ଚଳଚ୍ଚିତ୍ରରେ ୨ଟି ଜବରଦସ୍ତ ଗୀତ ଲେଖି ଦର୍ଶକଙ୍କ ପାଖେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛନ୍ତି। ଏହି ଯୁବ ଲେଖକ, ଗୀତିକାର ତଥା କାହାଣୀକାର ସୁମିତଙ୍କ ସହ ଏଥରର ଧରିତ୍ରୀ ଆଳାପ।*

*-ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର*



**●'ବ୍ୟାସେ ଶୁଣୁଛ' ଆପଣଙ୍କ ସିନେମା ଜୀବନକୁ ଭିନ୍ନ ମୋଡ଼ ଦେଇଛି କି?**

ମୋର ସୌଭାଗ୍ୟ ଯେ, 'ବ୍ୟାସେ ଶୁଣୁଛ' ଚଳଚ୍ଚିତ୍ର ମାଧ୍ୟମରେ ମୋର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚିପାରିଲା। ଓଡ଼ିଆ ଭାଷାକୁ ସମ୍ମାନ ଦେବା ସହ ନିଜ ସ୍ତରରେ ଏଥିପାଇଁ କିଛିଟା କର୍ତ୍ତବ୍ୟ କରିପାରିଲେ ଆମ ଭାଷାଟା ୨ପାଦ ଆଗକୁ ଯାଇପାରିବ। ନାଲ୍‌କୋ ଛକ ଟ୍ରାଫିକରେ ଥରେ ଛିଡ଼ା ହେବାବେଳେ ଫକୀରମୋହନଙ୍କ ଆଖି ସହ ମୋ ଆଖି ୫ମିନିଟ ମିଶିଯାଇଥିଲା। ତାଙ୍କୁ ଦେଖି ମୋ ଭିତରେ ଅସହାୟପଣ ଅନୁଭବ ହେଲା। ଆମେ ତାଙ୍କୁ ଚିତ୍ର ହିସାବରେ ଆଙ୍କି ଦେଇଛନ୍ତି, କିନ୍ତୁ ତାଙ୍କ ବହି ପଢ଼ିବା କି ତାଙ୍କୁ ଉପଯୁକ୍ତ ସମ୍ମାନ ଦେଇପାରିନାହନ୍ତି। ସେଦିନ ଆସି ମୁଁ ସେ କାହାଣୀଟି ଲେଖିଥିଲି। କୋଭିଡ୍ ସମୟ ଥିବାରୁ ବହୁତଥର ଚେଷ୍ଟା ପରେ ପ୍ରଶାସନ ପକ୍ଷରୁ ଅନୁମତି ଆଣି ଚଳଚ୍ଚିତ୍ର ନିର୍ମାଣ କରିଥିଲୁ। ମୁକ୍ତିଲାଭ ପରେ 'ବ୍ୟାସେ ଶୁଣୁଛ'କୁ ବହୁତ ଲୋକପ୍ରିୟତା ମିଳିଥିଲା, ଯାହା ଜଣେ କାହାଣୀ ଲେଖକ ଭାବେ ମୋତେ ବହୁତ ଖୁସି ଆଣିଦେଇଛି।

**●ଆଇଟି ଇଞ୍ଜିନିୟର, ଲେଖକ ଓ ଅଭିନେତା। କେଉଁଟା ଅଧିକ ପସନ୍ଦ?**

ପସନ୍ଦ କରୁଛି ବୋଲି ହିଁ ଏସବୁ କ୍ଷେତ୍ରରେ ନିଜକୁ ସାମିଲ କରିପାରିଛି। ପସନ୍ଦ ଅଛି ବୋଲି ଏହି ସବୁ କ୍ଷେତ୍ରକୁ ମୁଁ ଟାଣି ହୋଇଆସିଛି। ଯେଉଁ କାମ ଯେତେବେଳେ ଆସେ ତାକୁ ଠିକ୍ ଭାବେ କରିବା ଉଚିତ। ପସନ୍ଦ ନ ଥିବା କାମ ଆସିପାରେ, କିନ୍ତୁ ତାହା ବେଶି ସମୟ ରହିବ ନାହିଁ।

**●ଜଣେ ଲେଖକ ଅଣଦେଖା ହୋଇ ରହିଯାଏ ବୋଲି ଭାବୁଛନ୍ତି କି?**

ବାହାରେ ଗୀତ ଲେଖିବା ପାଇଁ ୬ଲକ୍ଷ, ୧୦ ଲକ୍ଷ ଟଙ୍କା ନିଅନ୍ତି। କିନ୍ତୁ ଆମ ସିନେମାର ବଜେଟ ହିଁ ଏତିକି ରହୁଛି। ଆଗକୁ ଏମିତି ଗୋଟିଏ ସ୍ଥିତି ଆସୁ, ଯିଏ ଲେଖୁଛି ସେ ତା'ର ଉପଯୁକ୍ତ ପାରିଶ୍ରମିକ ପାଉ। କମ୍‌ସେ କମ୍ ତା କଲମର କାଳି ଭରିବାକୁ ସେ ସକ୍ଷମ ହେଉ।

**●ଦର୍ଶକଙ୍କୁ ଭଲ ଲାଗୁଥିବା ଆପଣଙ୍କ ଲେଖାର ସ୍ୱତନ୍ତ୍ରତା କ'ଣ?**

ଭଲ ଲାଗୁଛି କି ନାହିଁ ତ ଦର୍ଶକ କହିବେ, କିନ୍ତୁ ମୁଁ ଖାଣ୍ଟି ଓଡ଼ିଆରେ ଲେଖେ। ଏହା ଆଗକୁ ମୋର ପରିଚୟ ହୋଇ ରହୁ ବୋଲି ନିହାତି ଚାହିଁବି। ହିନ୍ଦୀ, ଇଂଲିଶମିଶା ଲେଖେନାହିଁ। ମୋଭଳି ଆଉ କେତେଜଣ ଚାହିଁଲେ ଆମ ଭାଷାର ଉନ୍ନତି ହୋଇପାରିବ। ଆମ ପାଖରେ ଭାଷା, ଶବ୍ଦ ସବୁ ଅଛି। ଆମେ ଯଦି ନ ପଢ଼ିବା ଆମ ଶବ୍ଦକୋଷକୁ ଜାଣିପାରିବାନି। ନ ପଢ଼ି କହିବାନି ଯେ ଆମ ଭାଷାକୋଷରେ ଶବ୍ଦ ନାହିଁ ବୋଲି। କିଛି ଜଣ ଅଛନ୍ତି ଯେମିତି କି ଜେପି, କୁମାରଶ୍ରୀ, ରାକେଶ, ସ୍ମିତ ପଟ୍ଟନାୟକ ଏମାନେ ମଧ୍ୟ ପ୍ରାୟତଃ ଓଡ଼ିଆରେ ଲେଖନ୍ତି।

**●ରୁଚି କ'ଣ ରହିଛି?**

ଯାହା ସବୁ କରୁଛି ସେ ସବୁ ମଧ୍ୟ ମୋ ରୁଚିର ଏକ ଅଂଶ। ସେସବୁକୁ ବାଦ୍ ଦେଲେ ଶାୟେରୀ, କବିତା ନ ହେଲେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶୁଣିବାକୁ ଭଲପାଏ।

**●ଆଗାମୀ ଲକ୍ଷ୍ୟ ସମ୍ପର୍କରେ...?**

ଜୀବନରେ ଓଡ଼ିଆ ଭାଷା ପାଇଁ କିଛି କରିବାର ଲକ୍ଷ୍ୟ ରଖିଛି। ଏମିତି କିଛି କରିବି ଯେମିତି ମୋ ଉତ୍ତର ପିଢ଼ି ଉପକୃତ ହୋଇପାରୁଥିବେ। ଯେମିତିକି କାଲି ଯଦି ଜଣେ କେହି ପଚାରୁଛି ତୁମେ କ'ଣ କରୁଛ? ଆଉ ତା'ର ଉତ୍ତର ସେ ଦେଉଛି ମୁଁ ସାହିତ୍ୟ କରୁଛି, ତାକୁ ଯେମିତି ତା' ପରେ ଆଉ ପଚରା ନ ଯାଉ ଯେ, ସାହିତ୍ୟ ତ ଠିକ୍ ଅଛି ତା'ବାଦେ ଆଉ କ'ଣ କରୁଛ। ସମସ୍ତେ ଭାବନ୍ତି ସାହିତ୍ୟରେ ଜଣେ ପେଟ ପୋଷିପାରିବନି। ଆଗକୁ ଏ ନେଇ କିଛି କରିବାର ଯୋଜନା ରହିଛି, ଯାହାଦ୍ୱାରା ପରପିଢ଼ି ଭାଷା,ସାହିତ୍ୟରେ ନିଜକୁ ସାମିଲ କରିବା ସହ ରୋଜଗାର ପାଇପାରିବେ। ଏହା ହୋଇପାରିଲେ ହିଁ ନିଜକୁ ଖୁସି ଲାଗିବ।

## ଗ୍ରାହକଙ୍କୁ ମାଡ଼ ମାରି ୨ ହୋଟେଲ କର୍ମଚାରୀ ଗିରଫ

ମଙ୍ଗୁଳି-ଜଗତପୁର,(ମାନସ ସାମଲ)- ଗ୍ରାହକଙ୍କୁ ମାଡ଼ ମାରିବା ଅଭିଯୋଗରେ ହୋଟେଲର ଦୁଇଜଣ କର୍ମଚାରୀଙ୍କୁ ଜଗତପୁର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁର ସୁବାସ ଦାସ ଓ କଟକ ଜିଲା ନରସିଂହପୁରର ବିଜୟ ବେହେରା। ଶନିବାର ରାତିରେ କେନ୍ଦ୍ରାପଡ଼ାର ସବିତା ପଣ୍ଡାଙ୍କ ସପରିବାର ପୁରୀରୁ ଫେରୁ ଥିବାବେଳେ ଜଗତପୁର ଥାନା ପାଖ ହୋଟେଲରେ ଖାଇଥିଲେ। ଖାଇସାରି ପଇସା ପୈଠ କରିବାରେ କିଛି ଟଙ୍କା ନିଅଣ୍ଟ ପଡ଼ିବାରୁ ଫୋନ ପେ'ରେ ଦେବେ ବୋଲି କହିଥିଲେ। କିନ୍ତୁ ଦୋକାନ କର୍ମଚାରୀ ନଗଦ ଟଙ୍କା ଦେବା ପାଇଁ କହିଥିଲେ। ନଗଦ ଟଙ୍କା ନାହିଁ କହିବାରୁ ଦୋକାନର ଅନ୍ୟ ଦୁଇ କର୍ମଚାରୀ ଗାଳି କରି ମାଡ଼ ମାରିଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ମହିଳା ମୃତ: ଶିଶୁ ଆହତ

ଖୁଣ୍ଟୁଣୀ, ୩।୭(ସଚ୍ଚିଦାନନ୍ଦ ପଣ୍ଡା)- ସୋମବାର ଭୋର ସମୟରେ ନିଜ ସ୍ତ୍ରୀ ଓ ୩ ବର୍ଷର ଶିଶୁପୁତ୍ରକୁ ନେଇ ଖୁଣ୍ଟୁଣୀରୁ ଏକ ସ୍କୁଟିରେ ଢେଙ୍କାନାଳ ଯାଉଥିବା ଜଣେ ଦମ୍ପତି ସଡ଼କ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏଥିରେ ସ୍କୁଟିରେ ଥିବା ମହିଳାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ରେଢ଼ାଖୋଲର ଶୁଭଶ୍ରୀ ସାହୁ(୨୮)। ଖବର ଅନୁଯାୟୀ, ଶୁଭଶ୍ରୀ ଶନିବାର ଖୁଣ୍ଟୁଣୀରେ ଥିବା ତାଙ୍କ ବାପଘରକୁ ସ୍ୱାମୀ ଓ ପୁଅଙ୍କ ସହ ଆସିଥିଲେ। ସୋମବାର ସକାଳେ ଢେଙ୍କାନାଳରେ ଚାକିରି କରିଥିବା ତାଙ୍କ ସ୍ୱାମୀ ରାଜେନ୍ଦ୍ରଙ୍କ ସହିତ ସ୍କୁଟିରେ ଯାଉଥିବା ବେଳେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କୃଷ୍ଣଶ୍ୟାମପୁର ୫୫ନମ୍ବର ଜାତୀୟ ରାଜପଥ ଉପରେ କେହି ଅଜଣା ଗାଡ଼ି ତାଙ୍କ ସ୍କୁଟିକୁ ଧକ୍କା ଦେବାରୁ ସମସ୍ତ ୩ଜଣ ଛିଟିକି ପଡ଼ିଥିଲେ। ଶୁଭଶ୍ରୀଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ଅଚେତ ହୋଇ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ପୋଲିସକୁ ଖବର ଦେଇ ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ଆମ୍ବୁଲାନ୍ସରେ ସମସ୍ତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦେଇଥିଲେ। ଡାକ୍ତର ସେଠାରେ ଶୁଭଶ୍ରୀଙ୍କ ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ। ଆହତ ଶିଶୁପୁତ୍ରକୁ ଚିକିତ୍ସା କରାଯାଇ ତା'ର ବାପ ସହ ଖୁଣ୍ଟୁଣୀ ପଠାଇ ଦିଆଯାଇଥିଲା। ଏ ନେଇ ପୋଲିସ ତଦନ୍ତ ଚଳାଇଛି।

### ପାଇକିଆଁରା ମୁଣ୍ଡିଆରେ ବୁଲୁଛି ଦଳ ଛଡ଼ା ହାତୀ

ତିଗିରିଆ,୩।୭ (ଜାଫର ଖାଁ ) ବାଙ୍କୀ ବ୍ଲକର ବୈଦେଶ୍ୱର ପଞ୍ଚାୟତ ଓ ବଡମ୍ବା ବ୍ଲକ ଅନ୍ତର୍ଗତ ବାଙ୍ଗେରିସିଂହା ପଞ୍ଚାୟତ ନିକଟରେ ପ୍ରବାହିତ ମହାନଦୀ ଅବବାହିକାରେ ୩ ଦିନ ହେବ ଦଳ ଛଡା ହୋଇ ବୁଲୁଥିବା ୨ବର୍ଷର ହାତୀ ଶନିବାର ତିଗିରିଆ ବ୍ଲକର ନଦୀକୂଳ ପଞ୍ଚାୟତରେ ପ୍ରବେଶ କରି କ୍ଷୟକ୍ଷତି କରିଥିଲା। ଉକ୍ତ ହାତୀଟି ରବିବାର ପୁରୁଣା ତିଗିରିଆ ପଞ୍ଚାୟତର ପାଇକିଆଁରା ଗ୍ରାମର ମୁଣ୍ଡିଆରେ ଲୁଚି ରହିଛି। ସ୍ଥାନୀୟ ବନବିଭାଗ ପକ୍ଷରୁ ହାତୀ ଉପରେ ନଜର ରଖାଯିବା ସହ ପାଇକିଆଁରା ଗ୍ରାମରେ ବନବିଭାଗ କର୍ମଚାରୀ ଡେରା ପକାଇଛନ୍ତି। ଉକ୍ତ ହାତୀଟି ଶନିବାର ରାତିରେ ବ୍ଲକର ଗଦାଧରପୁର ପଞ୍ଚାୟତର ଭୁଆଶୁଣି ମନ୍ଦିର ନିକଟରେ ଥିବା ଔଷଧୀୟ ବୃକ୍ଷ ବଗିଚାରେ ପଶି ବ୍ୟାପକ କ୍ଷତି କରିଥିଲା। ସେଠାରେ ରହୁଥିବା ରାଜ୍ୟସ୍ତରୀୟ ପୁରସ୍କାର ପ୍ରାପ୍ତ ଚାଷୀ ଲକ୍ଷ୍ମଣ ମନ୍ତ୍ରୀଙ୍କ ବଗିଚାରେ ପଶି ପଣସ ଖାଇଥିଲା। ବାଣ ଫୁଟାଇ ଓ ନିଆଁ ହୁଳା ଦେଖାଇପରେ ହାତୀଟି ସେଠାରୁ ଚାଲିଯାଇଥିଲା। ଖବରପାଇ ବନବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ନଜର ରଖାଯାଇଥିଲା। ଏହା ସତ୍ତ୍ୱେ ହାତୀଟି କାଶିଆ ମୁଣ୍ଡିଆରେ ଲୁଚି ରହିଥିଲା। ସୋମବାର ଅପରାହ୍ନରେ ଉକ୍ତ ହାତୀଟି ଗ୍ରାମ ନିକଟରେ ଥିବା ମଙ୍ଗଳା ମନ୍ଦିର ରାସ୍ତାରେ ଘୁରି ବୁଲୁଥିବା ସ୍ଥାନୀୟ ଲୋକ ଦେଖି ହାତୀଟିକୁ ଘଉଡ଼ାଇ ଥିଲେ।

### ଆନ୍ତଃ ବିଦ୍ୟାଳୟ କୁଇଜ୍ ସାଇନାପ୍ସ-୨୦୨୩

କଟକ,୩।୭(ସୁପ୍ରିୟା ପ୍ରିୟଦର୍ଶିନୀ)- ଟିମ୍ କୁଇଜାର୍ଡ ଓ ଟିମ୍ ହ୍ୱାଇଟ୍ କାନ୍‌ଭାସ୍ ଇଭେଣ୍ଟର ମିଳିତ ଆନୁକୂଲ୍ୟରେ ସର୍ବବୃହତ୍ ଆନ୍ତଃ ବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା 'ସାଇନାପ୍ସ-୨୦୨୩'ର ୭ମ ସଂସ୍କରଣ କଟକର ସହିଦ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। ଟିମ୍ କୁଇଜାର୍ଡର ପ୍ରତିଷ୍ଠାତା ସିଦ୍ଧାର୍ଥ ରାଉତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଏସ୍‌ଏସ୍ ଆସୋସିଏଟସ୍‌ର ନିର୍ଦ୍ଦେଶକ ଇଂ ସମ୍ୟାକ୍ ମହାନ୍ତି, ସାମର୍ଥ ମହାନ୍ତି ଓ ହ୍ୱାଇଟ୍ କାନଭାସ୍‌ର ନିର୍ଦ୍ଦେଶକ ଶାରଳାପ୍ରସାଦ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ୮୦ଟି ବିଦ୍ୟାଳୟ ଭାଗ ନେଇଥିଲେ। ଯୁବ ଡା.ପ୍ରୀତିମାନ ମିଶ୍ର, ଆଇଆଇଟି ଖଡଗପୁରର ଛାତ୍ର ଅୟଂଶୁ ଦେବବ୍ରତ ଏବଂ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ମନଶ୍ୱେତା ମିଶ୍ର କୁଇଜ୍ ମାଷ୍ଟର ଭାବେ ଉଭୟ ଓଡ଼ିଆ ଓ ଇଂଲିଶ୍ କୁଇଜ୍ ପରିଚାଳନା କରିଥିଲେ । ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରୁଚି ଫୁଡ୍ ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ ସାହୁ, ଏସ୍‌ଏସ୍ ଆସୋସିଏଟ୍‌ର ଅଧ୍ୟକ୍ଷ ଡ. ପ୍ରଭୁଚରଣ ମହାନ୍ତି, ନିର୍ଦ୍ଦେଶିକା ସ୍ନିଗ୍ଧା ମହାନ୍ତି, ଭକ୍ତିଭୂଷଣ ମହାନ୍ତି ଓ ହ୍ୱାଇଟ୍ କାନଭାସ୍‌ର ପ୍ରତିଷ୍ଠାତା ଉଲ୍ଲାସଚନ୍ଦ୍ର ବେହୁରା ପ୍ରମୁଖ ସାମିଲ ଥିଲେ। ଓଡ଼ିଆ ପ୍ରତିଯୋଗିତାରେ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ଛାତ୍ର ସ୍ୱୟଂସ୍ୱରୂପ ଦାସ ଓ ମହେଶ ଆଚାର୍ଯ୍ୟ ଚାମ୍ପିୟନ ହୋଇଥିବା ବେଳେ ଇଂଲିଶ କୁଇଜ୍ ପ୍ରତିଯୋଗିତାରେ କଟକର ସିଡିଏ ଡିଏଭି ସ୍କୁଲର ଛାତ୍ର ଅଙ୍କିତ ସ୍ୱାଇଁ ଓ କୌସ୍ତୁଭ୍ ସାହୁ ଚାମ୍ପିୟନ ହୋଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ରାୟୋଜକ ଭାବେ ଡମ୍ବରୁ, ସହ ପ୍ରାୟୋଜକ ଭାବେ ରୁଚି-ଟି', ଫାର୍ମ-ବି, କ୍ୟୁବିଟ୍ ସହଯୋଗ କରିଥିଲେ।

# ବିପଦକୁ ଡାକୁଛି ସ୍କୁଲ ସମ୍ମୁଖ ଗର୍ତ୍ତ

**୨ ମାସ ହେଲା ସରୁନି ରାସ୍ତା କାମ**

- ସୁରକ୍ଷା ବୋର୍ଡ, ସୂଚନାଫଳକ ନାହିଁ
- ପଦକ୍ଷେପ ନେଉନି ପ୍ରଶାସନ

କଟକ,୩।୭(ସୁପ୍ରିୟା ପ୍ରିୟଦର୍ଶିନୀ)



ଖାନନଗର ହାଇସ୍କୁଲ ସମ୍ମୁଖ ରାସ୍ତାରେ ମରାମତି ନହୋଇ ଗର୍ତ୍ତ ସୃଷ୍ଟି ହୋଇଛି।

ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭକରି ଜନସାଧାରଣ ଏହି ରାସ୍ତା ଦେଇ ଯାତାୟତ କରୁଛନ୍ତି। ତେବେ ଗ୍ୟାସ୍ ପାଇପ ଲାଇନ ପାଇଁ ଖୋଳାଯାଇଥିବା ଏହି ରାସ୍ତାର କାମ ୨ମାସ ପରେ ବି ଶେଷ ହୋଇପାରିନାହିଁ। ଫଳରେ ଏହି ଗର୍ତ୍ତ ପଥଚାରୀଙ୍କ ନିମନ୍ତେ ବିପଦକୁ ହାତଠାରି ଡାକିବା ସଦୃଶ ପରିଲକ୍ଷିତ ହେଉଛି।

ସୂଚନା ମୁତାବକ, ଖାନନଗର ଆଡୁ ସରକାରୀ ଛାପାଖାନାକୁ ସଂଯୋଗ କରୁଥିବା ରାସ୍ତାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ପ୍ରତ୍ୟେକ ଦିନ ଶହ ଶହ ଲୋକ ଉକ୍ତ ରାସ୍ତା ଦେଇ ଯାତାୟତ କରୁଛନ୍ତି। ଏପରିକି ବିରାଟ ଗର୍ତ୍ତଠାରୁ ସ୍କୁଲର ଦୂରତା ପ୍ରାୟ ୧୦୦ ମିଟର। ସ୍କୁଲକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମଧ୍ୟରୁ ଏହା ଅନ୍ୟତମ। ପ୍ରତିଦିନ ଶହ ଶହ ଛାତ୍ରୀଛାତ୍ର ଏହି ବାଟ ଦେଇ ଯା'ଆସ କରୁଛନ୍ତି। ରାସ୍ତାର ଏଭଳି ଅବସ୍ଥା ପିଲାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରାୟ ୧୦ରୁ ୧୫ ଫୁଟ ଓସାରର ଗାତ ଖୋଳା ହୋଇଛି। ହେଲେ ସେଠାରେ ସୁରକ୍ଷା ପାଇଁ ବାଡ଼ କିମ୍ବା କୌଣସି ବ୍ୟବସ୍ଥା ନାହିଁ। ଏପରିକି ସୂଚନା ଫଳକ ଲଗାଯାଇନାହିଁ। ଏଭଳି ସ୍ଥିତିରେ ଯଦି ଦୁର୍ଘଟଣା ଘଟେ ତେବେ ଏଥିପାଇଁ କିଏ ଦାୟୀ ହେବେ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ରାସ୍ତା ମରାମତି ପାଇଁ ପ୍ରଶାସନ ନିକଟରେ ସ୍କୁଲ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ନିରାଶ ହେବାକୁ ପଡ଼ିଛି। ସୂଚନା ଥାଉକି, ବିଗତ ଦିନରେ ରାସ୍ତାରେ ଅନେକ ଅଘଟଣ ଘଟିଥିବାର ନଜିର ରହିଛି। କେଉଁଠି କେନାଲରେ ପଡ଼ି ଜୀବନ ଯାଇଛି ତ ଆଉ କେଉଁଠାରେ ରାସ୍ତା ପାରିହେବା ପାଇଁ ପାଇପଲାଇନ ତଳେ ଚାପିହୋଇ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଏତେ ସବୁ ପରେ ମଧ ପ୍ରଶାସନର ଚେତା ପଶୁନାହିଁ। ଅଘଟଣ ଘଟିଲେ ସବୁ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଉଛି। କିନ୍ତୁ ଅଘଟଣକୁ ଏଡ଼ାଇବା ପାଇଁ ପ୍ରଶାସନ ଆଗୁଆ ପଦକ୍ଷେପ ନ ନେବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏ ନେଇ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।




ବାଲିସାହି ବସ୍ତି ବାସିନ୍ଦାଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ। (ଫଟୋ-ରାଜକିଶୋର)

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**୨ ସାଙ୍ଗଙ୍କୁ ଦାୟୀ କଲେ ପରିବାର ଲୋକ**

ନିଆଳି,୩।୭(ସୁକାନ୍ତ ସିଂହ)

ନିଆଳି ଥାନା ଅନ୍ତର୍ଗତ ନାଟି ଗ୍ରାମରେ ଜଣେ ଯୁବତୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ରୂପାଲି ମଲ୍ଲିକ(୨୦)। ତେବେ ଯୁବତୀଙ୍କ ମୃତ୍ୟୁ ଘରକୁ ଆସିଥିବା ୨ ମହିଳା ସାଙ୍ଗଙ୍କୁ ଦାୟୀ କରି ଅଟକ ରଖିଥିଲେ ପରିବାର ଲୋକ। ଖବରପାଇ ପୋଲିସ ପହଞ୍ଚି ଉକ୍ତ ୨ମହିଳାଙ୍କୁ ଉଦ୍ଧାର କରିଛି। ଖବର ଅନୁଯାୟୀ, ରୂପାଲି ଭୁବନେଶ୍ୱରର ଏକ କମ୍ପାନୀରେ ରହି ଚାକିରି କରୁଥିଲେ। ସେଠାରେ ରହିବା ସମୟରେ ରୂପାଲିଙ୍କ ସହ ଜଣେ ଯୁବତୀ ଓ ଜଣେ ମହିଳାଙ୍କ ସହିତ ପରିଚୟ ହୋଇଥିଲା। ପରେ କୌଣସି କାରଣରୁ ରୂପାଲି କିଛିଦିନ ହେବ ଭୁବନେଶ୍ୱରରୁ ଫେରି ଘରେ ଆସି ରହୁଥିଲେ। ଉକ୍ତ ଯୁବତୀ ଓ ମହିଳାଙ୍କଠାରୁ ରୂପାଲି କିଛି ଟଙ୍କା ଆଣିଥିବାରୁ ରବିବାର ସେମାନେ ତାଙ୍କ ଘରକୁ ଆସିଥିଲେ। ଟଙ୍କା ଫେରାଇବା ସହ ଅନ୍ୟ ଜାଗାରେ ଚାକିରି ବୁଝିଥିବା ନେଇ ୩ଜଣ କଥା ହେଉଥିବା ବେଳେ ରୂପାଲିଙ୍କ ବାପା ଶୁଣିଥିଲେ। ଏହି କଥାକୁ ନେଇ ପରିବାରରେ ପାଟିତୁଣ୍ଡ ହୋଇଥିଲା। ତେବେ ଯୁବତୀ ଓ ମହିଳା ଜଣକ କିଛି ସମୟ ପାଇଁ ବାହାରକୁ ଯାଇଥିଲେ। ହେଲେ ଫେରିବା ବେଳେ ରୂପାଲିଙ୍କ ଅଚେତ ହୋଇ ତଳେପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଜଗତ୍‌ସିଂହପୁର ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। କିନ୍ତୁ ଉକ୍ତ ଯୁବତୀ ଓ ମହିଳାଙ୍କ ଯୋଗୁ ରୂପାଲିଙ୍କ ମୃତ୍ୟୁ ହୋଇଥିବା ଦାବି କରି ପରିବାର ଲୋକ ସେମାନଙ୍କୁ ଅଟକ ରଖିଥିଲେ। ପରେ ପୋଲିସ ପହଞ୍ଚି ୨ଜଣଙ୍କୁ ଉଦ୍ଧାର କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

## ଇଓଡବ୍ଲ୍ୟୁକୁ ମାମଲା ହସ୍ତାନ୍ତର ପାଇଁ ସୁପାରିସ୍

**କନ୍ଦରପୁର ସମବାୟ ମିନି ବ୍ୟାଙ୍କ ଅର୍ଥ ତୋସରପାତ ମାମଲା**

କଟକ ସଦର, ୩।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସମବାୟ ମିନି ବ୍ୟାଙ୍କ ଅର୍ଥ ତୋସରପାତ ମାମଲାକୁ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) କିମ୍ବା ଭିଜିଲାନ୍ସକୁ ହସ୍ତାନ୍ତର କରିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଅଧିକାରୀ ତଥା ଉପସହକାରୀ ସମବାୟ ନିବନ୍ଧକ ସୁଶାନ୍ତ କୁମାର ମିଶ୍ର ସୁପାରିସ କରିଛନ୍ତି। ଏହି ସୁପାରିସକୁ ସମବାୟ ସମିତିର ପରିଚାଳନା ମଣ୍ଡଳୀ ଗ୍ରହଣ କରି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ କଟକସ୍ଥିତ ସହକାରୀ ସମବାୟ ନିବନ୍ଧକଙ୍କ ନିର୍ଦ୍ଦେଶକ୍ରମେ ପତ୍ର ସଂଖ୍ୟା ୫୧୭/୨୭।୨।୨୦୨୩ ମୁତାବକ ମେ ୧ ତାରିଖରେ ସମବାୟ ସମିତି କାର୍ଯ୍ୟାଳୟରେ କରାଯାଇଥିଲା। ଏହାବ୍ୟତୀତ ମିନି ବ୍ୟାଙ୍କର ଶାଖା ପରିଚାଳକ ଓ କ୍ୟାଶିୟରଙ୍କ ନାମରେ ଆପରାଧିକ ମାମଲା କନ୍ଦରପୁର ଥାନାରେ ଚାଲିଥିବାରୁ ଅନ୍ୟ ବ୍ୟକ୍ତି ଯେଉଁମାନେ ଏହି ତୋସରପାତ ମାମଲାରେ ପ୍ରତ୍ୟକ୍ଷ ଅବା ପରୋକ୍ଷ ସମ୍ପୃକ୍ତି ରହିଛି ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି। କାରଣ ଜଣେ ୮୫ ବର୍ଷ ବ୍ୟକ୍ତିଙ୍କୁ ଶାଖା ପରିଚାଳକ ଭାବେ କାର୍ଯ୍ୟଭାର ଦିଆଯାଇଥିଲା। ଏଥିପାଇଁ ଦାୟୀ ଥିବା ପରିଚାଳନା ବୋର୍ଡର କୌଣସି କର୍ମକର୍ତ୍ତାଙ୍କୁ ଜେରା ଅଥବା ଉତ୍ତରଦାୟୀ କରାଯାଇ ନ ଥିବାରୁ ତଦନ୍ତକାରୀ ଅଧିକାରୀ ମିଶ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅଧିକାର ଆଇନ ପତ୍ର ସଂଖ୍ୟା ୨୨୫୫/୨୨।୬।୨୦୨୩ ରେ ଏହି ତଦନ୍ତ ରିପୋର୍ଟ ମିଳିଥିଲା।

## ମହାନଦୀରେ ଯୁବକଙ୍କ ଉନ୍ମତ୍ତକାଣ୍ଡ: ୪ ଘଣ୍ଟା ପରେ ଉଦ୍ଧାର

ବାଙ୍କୀ,୩।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ବାଙ୍କୀ ଦେଇ ପ୍ରବାହିତ ମହାନଦୀ ପଠାରେ ରବିବାର ରାତିରେ ଜଣେ ଯୁବକ ଫସିଯାଇଥିଲେ। ତାଙ୍କୁ ଅଗ୍ନିଶମ କର୍ମଚାରୀ ବହୁ କଷ୍ଟରେ ଉଦ୍ଧାର କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଡମପଡ଼ା ବ୍ଲକ ଅନ୍ତର୍ଗତ ଭେଡା ରାମଚନ୍ଦ୍ରପୁର ଗ୍ରାମର ଚନ୍ଦନ ବେହେରା (୨୨) ରବିବାର ରାତି ପ୍ରାୟ ୯ଟାବେଳେ କୌଣସି କାରଣରୁ ଘରେ ଗଣ୍ଡଗୋଳ କରି ଆତ୍ମହତ୍ୟା ଧମକ ଦେଇଥିଲେ। ଏଥିସହ ନିଶାଶକ୍ତ ଅବସ୍ଥାରେ ସୁନାଦେଇ ମୁଣ୍ଡିଆ ଘାଟରୁ ମହାନଦୀ ପଠାକୁ ଚାଲିଆସିଥିଲେ। ପରିବାର ଲୋକେ ତାଙ୍କ ପଛରେ ଆସିଥିଲେ। ମାତ୍ର ସୁନାଦେଇ ମୁଣ୍ଡିଆ ପାଖରେ ଚନ୍ଦନଙ୍କୁ ପାଇ ନ ଥିଲେ। ଏନେଇ ତାଙ୍କ ଦାଦା ଓ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ପାଣିରେ ପହଁରି ମହାନଦୀ ପଠାକୁ ଯାଇଥିଲେ। ସେଠାରେ ସେମାନେ ଚନ୍ଦନକୁ ଯେତେ ବୁଝେଇ ଥିଲେ ବି ସେ ଫେରି ନ ଥିଲେ । ନିଶା ପ୍ରଭାବରେ ମରିଯିବାକୁ ଜିଦ୍ ଧରିଥିଲେ। ଏହି ସମୟରେ ହଠାତ୍ ଜଳସ୍ତର ବୃଦ୍ଧି ପାଇବାରୁ ସେମାନେ ସେଠାରେ ଫସିଯାଇଥିଲେ। ପାଣିରେ ସ୍ରୋତ ଅଧିକ ଥିବାରୁ ଘାଟରେ ପହଞ୍ଚିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ସେମାନଙ୍କ ମଧ୍ୟରୁ ଜଣେ ବହୁ କଷ୍ଟରେ ପହଁରି ଘାଟ ପାରି ହୋଇଥିଲେ। ମାତ୍ର ଚନ୍ଦନ ଓ ତାଙ୍କ ଦାଦା ଆସିପାରି ନ ଥିଲେ। ପରିବାର ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଏହାପରେ ଅଗ୍ନିଶମ କର୍ମଚାରୀ ରାତି ପ୍ରାୟ ୧୧ଟାରେ ଲାଇଟ୍ ବୋଟ୍ ନେଇ ଉକ୍ତ ପଠାରେ ପହଞ୍ଚିଥିଲେ। ମାତ୍ର ଚନ୍ଦନଙ୍କୁ ଠାବ କରିପାରି ନ ଥିଲେ। କାରଣ ସେ ସେମାନଙ୍କୁ ଦେଖି ସେଠାରେ ଥିବା ଏକ ବୁଦା ମଧ୍ୟରେ ଲୁଚି ଯାଇଥିଲେ। ଦୀର୍ଘ ସମୟ ଧରି କର୍ମଚାରୀମାନେ ତାଙ୍କୁ ଖୋଜାଖୋଜି କରି ନଦୀ ପାର କରାଇବାବେଳେ ସେ ପାଣିକୁ ଡେଇଁ ପଡ଼ିଥିଲେ। ବହୁ କଷ୍ଟରେ କର୍ମଚାରୀମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ଲାଇଫ୍ ବୋଟ୍ ଯୋଗେ ଆଣି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏହି ଉଦ୍ଧାର କାର୍ଯ୍ୟ ପ୍ରାୟ ୪ ଘଣ୍ଟା ଧରି ଚାଲିଥିଲା ବୋଲି ଅଗ୍ନିଶମ ଅଧିକାରୀ ପ୍ରଫୁଲ୍ଲ ମାଝି ସୂଚନା ଦେଇଛନ୍ତି।

## ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ

କଟକ,୩।୭ (କାର୍ତ୍ତିକ ସାହୁ)

କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ମାରୁତି ମଣ୍ଡପ ପକ୍ଷରୁ ସୋମବାର ଗୁରୁପୂର୍ଣ୍ଣିମା ଉତ୍ସବ ଓ ଗ୍ରାମସଭା ଖାଞ୍ଜିରିମଙ୍ଗଳାସ୍ଥିତ ରାମମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ପରିଚାଳନାରେ ଓଡ଼ିଶୀ କୀର୍ତ୍ତନ, ଭଜନ, ଗୁରୁବନ୍ଦନା ଓ ଗୁରୁପୂଜନ କାର୍ଯ୍ୟକ୍ରମ ହୋଇଥିଲା। ସମିତିର କାର୍ଯ୍ୟକାରୀ ସଭାପତି ତଥା ପ୍ରବଚକ ପ୍ରଦୀପ୍ତ ମହାପାତ୍ର ଗୁରୁପୂର୍ଣ୍ଣିମାର ମହତ୍ତ୍ୱ ଭକ୍ତଙ୍କୁ କହିଥିଲେ। କମିଟିର ସାଧାରଣ ସମ୍ପାଦକ ବିଜୟ ନାୟକ ଅଧ୍ୟକ୍ଷତା କରିଥିଲେ। ସୁବୋଧକୃଷ୍ଣ ମିଶନର ପ୍ରମୁଖ ଡ. ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ସିଡିଏ ସେକ୍ଟର-୧୦ସ୍ଥିତ ଅନନ୍ତ ଭବନରେ ଆୟୋଜିତ ଗୁରୁପୂର୍ଣ୍ଣିମା ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରିଥିଲେ। ବିଚାରପତି ବାସୁଦେବ ପାଣିଗ୍ରାହୀ, ଲିଙ୍ଗରାଜ ଷଡ଼ଙ୍ଗୀ, ଆଇନଜୀବୀ ମନୋରଞ୍ଜନ ମହାନ୍ତିଙ୍କ ସମେତ ମିଲନ୍ ବଡୁ, ପ୍ରସନ୍ନ ସାହୁ, ସବିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଲୋକସମ୍ପର୍କ ପ୍ରମୁଖ ଉତ୍କଳ ଭୂଷଣ ରାଉତରାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ। କଳକୀ ସେନା ଟ୍ରଷ୍ଟ ପକ୍ଷରୁ ଭଗବାନ ବ୍ୟାସଦେବଙ୍କ ଜୟନ୍ତୀ ଗୁରୁପୂର୍ଣ୍ଣିମା କେନ୍ଦ୍ରୀୟ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଟ୍ରଷ୍ଟି ପ୍ରଫେସର ସବିତାବାଳା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ପଣ୍ଡିତ ହୃଷୀକେଶ ପଣ୍ଡା ଗୁରୁବନ୍ଦନା ଗାନ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ମାଳିକା ଗବେଷକ ଡ. ଜ୍ଞାନଗୁରୁ ଦାସ ଯୋଗଦେଇଥିଲେ।

## ୧୨ଦଫା ଦାବି ନେଇ ମୋ କଟକ ସୁରକ୍ଷା ମଞ୍ଚର ଅନଶନ

କଟକ,୩।୭(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକରେ ଅନେକ ସମୟରେ ଆର୍ଥିକ ଅଭାବ ଓ ସରକାରୀ ଯୋଜନା ଠିକ୍ ସମୟରେ ପାଇବାରୁ ବଞ୍ଚିତ ହେଉଥିବା ଯୋଗୁ ପ୍ରାୟ ସମୟ ମୃତଦେହ ପଡିରହିଥିବା ଏବଂ ମହାପ୍ରୟାଣ ଗାଡି ନ ମିଳିବାରୁ ଶବକୁ ଟ୍ରଲିରେ ବୁହାହେବା ଘଟଣା ଦେଖାଯିବା ସହ ଗଣମାଧ୍ୟମରେ ପ୍ରକାଶିତ ହୋଇଛି। ସରକାରଙ୍କ ହରିଶ୍ଚନ୍ଦ୍ର ଓ ମହାପ୍ରୟାଣ ଯୋଜନା ଠିକ କାର୍ଯ୍ୟକାରୀ ହେଉ ନଥିବାରୁ କେତେକ ସ୍ଥାନରେ ସ୍ୱେଚ୍ଛାସେବୀମାନେ ନିଜସ୍ୱ ଉଦ୍ୟମରେ ମୃତଦେହକୁ ନେଇ ଶ୍ମଶାନରେ ନିଜର ଅର୍ଥ ବ୍ୟୟ କରି ସତ୍କାର କରୁଛନ୍ତି। ଏହା ଯୋଗୁ ସରକାରଙ୍କ ଯୋଜନା ଏବଂ କଟକର ସମ୍ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ କଟକ କାଳିଆବୋଦା, ସତିଚୌରା ଓ ସ୍ୱର୍ଗଧାମ ଶ୍ମଶାନରେ ହରିଶ୍ଚନ୍ଦ୍ର ସହାୟତାରେ ସିଧାସଳଖ ଶବଦାହ କରାଯିବା ଏବଂ ୨୪ଘଣ୍ଟିଆ ମହାପ୍ରୟାଣ ଗାଡି ଯୋଗାଇଦେବା ଆଦି ୧୨ଦଫା ଦାବି ନେଇ ସୋମବାର ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ସଂଗଠନ ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ସମେତ ଏହି ଅନଶନରେ ଅଶୋକ ମହାନ୍ତି, ଲୋକନାଥ ଲେଙ୍କା, ଜ୍ୟୋତିରଞ୍ଜନ ରାୟ, ମଞ୍ଚ ଉପଦେଷ୍ଟା ଦେବକୁମାର ନାଥ, କ୍ଷୀରୋଦ ସାହୁ, ଆଡଭୋକେଟ ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ସହରର ସାମୂହିକ ସ୍ୱାର୍ଥ ଉଦ୍ଦେଶ୍ୟରେ ସମସ୍ତ ସାମାଜିକ ସଂଗଠନ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ଦଳୀୟ ନେତା କର୍ମୀ ଯୋଗଦେବେ ବୋଲି ସଭାପତି ଅକ୍ଷୟ ପଣ୍ଡା ପ୍ରକାଶ କରିଛନ୍ତି।

## କ୍ୟାମ୍ପସ ସ୍ଥାନାନ୍ତର ନେଇ ଛାତ୍ରୀଛାତ୍ରଙ୍କ ଧାରଣା



**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

କଟକ,୩।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ନେଇ ବିବାଦ ପିଛା ଛାଡୁନି। ଦ୍ୱିତୀୟ କ୍ୟାମ୍ପସରେ ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବା ବେଳେ ଏହା କାର୍ଯ୍ୟକ୍ଷମ କରାଯିବାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଛାତ୍ରୀଛାତ୍ରମାନେ ସେମାନଙ୍କୁ ହଠାତ ଦ୍ୱିତୀୟ କ୍ୟାମ୍ପସ ସ୍ଥାନାନ୍ତରକୁ ବିରୋଧକରି ସୋମବାର କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କ କହିବା ଅନୁଯାୟୀ, ପୂର୍ବରୁ କୌଣସି ସୂଚନା ନ ଦେଇ ହଠାତ ସିଡିଏ କ୍ୟାମ୍ପସକୁ ସ୍ଥାନାନ୍ତର କରାଯିବା ନିଷ୍ପତ୍ତି ଶୁଣାଇଦେଲେ । ଏବେ ରହୁଥିବା ସ୍ଥାନରେ ଘରଭଡ଼ା ଆଡ୍‌ଭାନ୍ସ ଦେଇ ରହିଛୁ। ୨,୪ ମାସର ଟଙ୍କା ଘରମାଲିକଙ୍କ ପାଖରେ ଅଛି। ହଠାତ ଏମିତି ନିଷ୍ପତ୍ତି ଦ୍ୱାରା ଆମେ ହଇରାଣ ହେବୁ। ଉକ୍ତ ସ୍ଥାନରେ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ମଧ ଶେଷ ହୋଇନାହିଁ। ମେଡିକାଲ ସୁବିଧା ନାହିଁ। ହଷ୍ଟେଲକୁ ଯିବା ପାଇଁ ଦେଢ କିଲୋମିଟର ଚାଲିକି ଯିବାକୁ ପଡ଼ିବ। ଅନେକ ଅସୁବିଧା ରହିଛି। ହେଲେ ସେ ସବୁର ସମାଧନ ନ କରି ତରବରିଆ ସ୍ଥାନାନ୍ତରଣ ନିଷ୍ପତ୍ତି ଠିକ ନୁହେଁ। ଦ୍ୱିତୀୟ କ୍ୟାମ୍ପସର କାର୍ଯ୍ୟ ଶେଷ ନ ହେବା ଯାଏ ସେଠାକୁ ଯିବୁ ନାହିଁ ବୋଲି ଛାତ୍ରୀଛାତ୍ର କହିଛନ୍ତି। ଏନେଇ ଛାତ୍ରୀଛାତ୍ରମାନେ ସୋମବାର କୁଳପତିଙ୍କୁ ଦାବିପତ୍ର ଦେଇଛନ୍ତି। ସୂଚନା ଥାଉକି, ଆସନ୍ତା ୧୫ ତାରିଖରୁ ସିଡିଏସ୍ଥିତ ଦ୍ୱିତୀୟ କ୍ୟାମ୍ପସରେ ପାଠପଢା ଆରମ୍ଭ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆଇଟିଏମ ଏବଂ ଆଇଏସ୍‌ଟି ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ପାଠପଢା ଆରମ୍ଭ ହେବ। ତୃତୀୟ ବର୍ଷର ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ଏଠାରେ କ୍ଲାସ କରିବେ। ପ୍ରତି ବିଭାଗକୁ ଗୋଟିଏ ଲେଖାଏ ଏକାଡେମିକ ବ୍ଲକ ଦିଆଯିବ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

କଟକ ସଦର,୩।୭ (ସୁଶାନ୍ତ କୁମାର ଜେନା)



୪୨ ମୌଜା ଥାନା ଅନ୍ତର୍ଗତ ଶ୍ରୀରାମରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୭୪ତମ ବନ ମହୋତ୍ସବ ସୋମବାର ପାଳିତ ହୋଇଥିଲା। ଚଳିତବର୍ଷ ବନ ମହୋତ୍ସବ ସପ୍ତାହ ଅବସରରେ ଫୁଲନଖରା ବନାଞ୍ଚଳ ଓ ନଗର ବନଖଣ୍ଡ, ଭୁବନେଶ୍ୱର ତରଫରୁ ଫରେଷ୍ଟର ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ବିଶ୍ୱମାନବାଧିକାର ପରିଷଦର ରାଜ୍ୟ ସମ୍ପାଦକ ଡ. ଏସ୍.କେ.କଲିମୁଲ୍ଲା, ପ୍ରକୃତିବନ୍ଧୁ ନବକିଶୋର ପଣ୍ଡା ଓ ବସନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶ ରଞ୍ଜନ ଶତପଥୀ, ପତିତପାବନ ମହାପାତ୍ର, ଅଜିତ କୁମାର ନାଟିଆ, ସୁଧୀର ଜେନା, ଭବାନୀଶଙ୍କର ପାତ୍ର, ବିଶ୍ୱଜିତ ବେଉରିଆ, ପ୍ରତିମା ଜେନା, ତୃପ୍ତିମୟୀ ପରିଡ଼ା, ମନସିନୀ ଆଚାର୍ଯ୍ୟ ଏବଂ ବିଭାଗୀୟ ଫରେଷ୍ଟ ଗାର୍ଡ ଦିଲୀପ କୁଜୁରୁ ସମେତ ସମସ୍ତ ଷ୍ଟାଫ ଯୋଗଦେଇ ଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ଚାରାରୋପଣ କରିଥିଲେ।

# ଯୁବକଙ୍କୁ ବୀଭତ୍ସ ହତ୍ୟା

**ଜଙ୍ଗଲ ରାସ୍ତାକଡ଼ରୁ ମୃତଦେହ ଜବତ**

ମଙ୍ଗୁଳି-ଜଗତପୁର,୩।୭(ମାନସ ସାମଲ)



ମୃତଦେହ ପଡିଥିବା ସ୍ଥାନରେ ପୋଲିସ ଯାଞ୍ଚ କରୁଛି।

କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ନୂଆସାହି ଗ୍ରାମ ନିକଟସ୍ଥ ଜଙ୍ଗଲ ରାସ୍ତାପାର୍ଶ୍ୱରେ ଜଣେ ଯୁବକଙ୍କୁ ବୀଭତ୍ସ ହତ୍ୟା କରାଯାଇଛି। ସେ ହେଲେ ଉଚ୍ଚପଦା ପଞ୍ଚାୟତର କାଇଆପାଲ୍ଲୀ ଗ୍ରାମର ଚଗ ବେହେରା (୩୮)। ସୋମବାର ସକାଳେ ଖବରପାଇ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳ କିଶୋର, ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଓ ଟାଙ୍ଗୀ ଥାନା ଅଧିକାରୀ ସୁଚିତ୍ର ବୀର୍ଯ୍ୟ ଦାସ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଥିଲା। ଏ ନେଇ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେହି ଚଗଙ୍କୁ ହତ୍ୟା କରିଛି ବୋଲି ତାଙ୍କ ସ୍ତ୍ରୀ ଝରଣା ବେହେରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା ୩୦୨/୩୪ ଅନୁଯାୟୀ ଏକ ମାମଲା (ନଂ.୧୩୧/୨୩)ରୁଜୁ କରିଛି। ଝରଣାର ଅଭିଯୋଗ ଅନୁସାରେ,ଚଗ ପ୍ରତିଦିନ ଟ୍ରକରେ ଲୋଡ ଅନଲୋଡ କାମ କରିବା ପାଇଁ ଗ୍ରାମର କେତେଜଣ ଯୁବକଙ୍କ ସହ ଯାଇଥାନ୍ତି। ଚଗ ରବିବାର ସନ୍ଧ୍ୟାରେ ଟ୍ରକରୁ ମାଲ ଅନଲୋଡ୍ କରିବା ପାଇଁ ଗ୍ରାମର ୨ଜଣ ଯୁବକଙ୍କ ସହ ଟାଙ୍ଗୀ ବଜାରକୁ ଯାଇଥିଲେ। କିନ୍ତୁ ଅଧିକ ରାତି ଯାଏଁ ଘରକୁ ସେ ଫେରି ନ ଥିଲା। ଚଗ କୌଣସି ଫୋନ ବ୍ୟବହାର ନ କରିବାରୁ ସ୍ତ୍ରୀ ମଧ ପଚାରି ନ ପାରି ସକାଳ ହେବା ଯାଏ ଚାହିଁ ରହିଥିଲା। ସକାଳେ ଗ୍ରାମର ଜଣେ ଯୁବକ ଚଗର ମୃତଦେହ ରକ୍ତାକ୍ତ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିବା ଝରଣାକୁ ଜଣାଇଥିଲା। ଝରଣା ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଚଗର ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାର ଦେଖିବାକୁ ପାଇଥିଲେ। ପରେ ପୋଲିସ ପହଞ୍ଚି ଯାଞ୍ଚ ବେଳେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଛି। ତେଣୁ ତାଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଛି ବୋଲି ଥାନା ଅଧିକାରୀ ସୁଚିତ୍ର ବୀର୍ଯ୍ୟ ଦାସ କହିଛନ୍ତି। ପ୍ରାଥମିକ ତଦନ୍ତରେ ଚଗକୁ ରବିବାର ରାତିରେ କେହି ହତ୍ୟା କରି ଏଠି ଫୋପାଡ଼ି ଦେଇଛି। ତଦନ୍ତ ଜାରି ରହିଥିବାବେଳେ ଖୁବ୍‌ଶୀଘ୍ର ଘଟଣାର ସତ୍ୟାସତ୍ୟ ଜଣାପଡିବା ସହ ହତ୍ୟାରେ ସାମିଲ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଜନଶୁଣାଣି ଶିବିରରେ ୬୫ ଅଭିଯୋଗ

**ଖୋର୍ଦ୍ଧା,୩।୭(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ମିଳିତ ଜନଶୁଣାଣି ଶିବିର ସୋମବାର ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୬୫ଟି ଅଭିଯୋଗ ହୋଇଥିଲା। ସେଥିରୁ ୪୨ଟି ବ୍ୟକ୍ତିଗତ ଥିବା ବେଳେ ୧୬ଟି ବିଭିନ୍ନ ଗ୍ରାମ ସାମୁହିକ ସମସ୍ୟା ରହିଥିବା ବେଳେ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜଣଙ୍କୁ ରେଡ୍‌କ୍ରସ ସହାୟତା ପାଣ୍ଠିରୁ ୫ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦିପ୍ତୀ ରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ, ବିଡିଓ କ୍ଷିରାବ୍ଧି ତନୟ ସାହୁ, ତହସିଲଦାର ବିଭାଷ ପାଣିଗ୍ରାହୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବିଭିନ୍ନ ସ୍ଥାନରେ ଗୁରୁପୂର୍ଣ୍ଣିମା

**କୃଷ୍ଣପ୍ରସାଦ (କୈଳାସ ଚନ୍ଦ୍ର ପଟ୍ଟନାୟକ)/ ବାଣପୁର,୩।୭(ଶଙ୍କର ବସ୍ତି):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଗଡ଼ ଗାନ୍ଧୀଛକସ୍ଥିତ ସଦ୍‌ଗୁରୁ ଶିରିଡ଼ି ସାଇନାଥ ମହାରାଜାଙ୍କ ମନ୍ଦିର ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ କମଳ ଚନ୍ଦ୍ର ଦେବତାଙ୍କ ନେତୃତ୍ୱରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ସାଇ ସତ୍‌ଚରିତ ପାରାୟଣ ଆୟୋଜନ କରାଯାଇଥିଲା। ସ୍ଥାନୀୟ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ, କାର୍ଯ୍ୟକାରୀ ସମ୍ପାଦକ ନବୀନ କୁମାର ଜେନା ଉତ୍ସବ ପରିଚାଳନା କରିଥିଲେ। ବୈଷ୍ଣବ କୁମାର ଗୌଡ଼ୁ, ମାନସ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମଣ୍ଟୁ ପ୍ରଧାନଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ। ସେହିପରି ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର ଓ ବାଲୁଗାଁ ଶାଖା ଦ୍ୱାରା ଗୁରୁ ପୂର୍ଣିମା ଲଡୁକେଶ୍ୱର ବିଦ୍ୟା ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଅତିଥିଭାବେ ସ୍କୁଲ ଅଧକ୍ଷ ଗଦାଧର ଦଳବେହେରା ଯୋଗଦେଇ ଗୁରୁ ପୂର୍ଣ୍ଣିମା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇ ଥିଲେ। ନଗର ପ୍ରମୁଖ ଅଜୟ କୁମାର ଦାସ, ଯୁବ ପ୍ରମୁଖ ଅମିତ ଓ ଅଜିତ ଭାଇ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ବାଲୁଗାଁ ମାମୁଁ ଭଣଜା ପାହାଡ଼ ନିକଟରେ ଥିବା ସାଇ ଆଶ୍ରମଠାରେ ଗୁରୁ ପୂର୍ଣ୍ଣିମା ପାଳନ ହୋଇଥିଲା।

### ଟ୍ରିନିଟି ହସ୍ପିଟାଲକୁ ୫୦ ହଜାର ଟଙ୍କା ଜରିମାନା

**ଭୁବନେଶ୍ୱର, ୩।୭ (ବନ୍ଦନା ସେଠୀ):** ବାଣୀବିହାର ଡିସିପି ଅଫିସ ପଛପଟେ ଥିବା ଟ୍ରିନିଟି ହସ୍ପିଟାଲକୁ ୫୦ହଜାର ଟଙ୍କା ଜରିମାନା କରାଯାଇଛି। ହସ୍ପିଟାଲ କର୍ତ୍ତୃପକ୍ଷ ପରିମଳ ନିୟମ ଅବମାନନା କରୁଥିବା ଅଭିଯୋଗ ପରେ ବିଏମ୍‌ସି ପକ୍ଷରୁ ସେଠାରେ ଚଢ଼ାଉ କରାଯାଇଥିଲା। ହସ୍ପିଟାଲ ପଛପଟେ ମେଡିକାଲ ବର୍ଜ୍ୟ ଗଚ୍ଛିତ ଥିବା ଦେଖିବାକୁ ମିଳିବା ପରେ ଜରିମାନା ଆଦାୟ କରାଯାଇଥିଲା। ଆଗକୁ ହସ୍ପିଟାଲ କର୍ତ୍ତୃପକ୍ଷ ପରିମଳ ଅଭ୍ୟାସକୁ ପରିବର୍ତ୍ତନ ନ କଲେ ହସ୍ପିଟାଲ ସିଲ୍ ହେବା ସହ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମସି ପକ୍ଷରୁ ଚେତାବନୀ ଦିଆଯାଇଛି।

# ବଢ଼ିଚାଲିଛି ଲଘୁ ଖଣିଜ ସମ୍ପଦ ଚାଲାଣ

**ଖୋର୍ଦ୍ଧା,୩।୭(ପ୍ରଭାତ ପାଣିଗ୍ରାହୀ)**

- ରାଜପଥ ସମ୍ପ୍ରସାରଣ ଆଳରେ ପାହାଡ଼ ସଫା
- ଧରାପଡୁ ନାହାନ୍ତି ମାଫିଆ

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବଢ଼ିଚାଲିଛି। ମାଫିଆମାନେ ଦୈନିକ ଶହ ଶହ ଟ୍ରକରେ ମାଙ୍କଡ଼ା ପଥର, ମୋରମ, କଳାମୁଗୁନି ଓ ବଉଳାମାଳା ପଥର ଜିଲା ତଥା ଜିଲା ବାହାରକୁ ଚାଲାଣ କରୁଛନ୍ତି। ଏପରିକି ତାପଙ୍ଗ ମୁଣ୍ଡିଆ, ଟାଙ୍ଗୀ ଆରିଆପଡା ବୃଷବନ୍ଧ ପାହାଡ, ୧୬ ନମ୍ବର ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ରହିଥିବା ପାହାଡକୁ ନଣ୍ଡା କରିସାରିଲେଣି। ରାସ୍ତା ସମ୍ପ୍ରସାରଣ ଆଳରେ ପଥର ଓ ମୋରମ ଚାଲାଣ କରାଯାଉଛି। ଅନ୍ୟପକ୍ଷରେ ପ୍ରଶାସନର ବାରମ୍ବାର ଚଢ଼ାଉ, ଜରିମାନା ଆଦାୟ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ, ଏହା ବଢ଼ିବାରେ ଲାଗିଛି।

ଖୋର୍ଦ୍ଧା ଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ପାହାଡ଼କୁ ସଫା କରିବା ସହ ମୋରମ ଚାଲାଣ ଯୋଗୁ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷାହେଲେ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ମାଫିଆମାନେ ପ୍ରଶାସନ ଏବଂ ପୋଲିସର କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତବାରିଶି କରି ଲଘୁ ଖଣିଜ ସମ୍ପଦ ହରିଲୁଟ କରିଚାଲିଛନ୍ତି। ଜାତୀୟ ରାଜପଥ ଏମାନଙ୍କ ଗଳାବାଟ ସାଜିଛି। ତେବେ ଗତବର୍ଷ ଠାରୁ ବେଆଇନ ଚାଲାଣ ଉପରେ ରୋକ ଲଗାଇଛି ପ୍ରଶସାନ। ବେଆଇନ ଖଣିରେ ଚଢ଼ାଉ କରାଯାଇ ମେଶିନ, ଯନ୍ତ୍ରପାତି, ପଥର କିମ୍ବା ମୋରମ ବୋଝେଇ ଟ୍ରକ ଜବତ କରାଯାଉଛି। ତେବେ ଗାଡ଼ି ଚାଳକ ଧରାପଡୁଥିବା ବେଳେ ମାଫିଆମାନେ ଖସିଯାଉଛନ୍ତି। ଚଢ଼ାଉ ପୂର୍ବରୁ କିପରି ମାଫିଆମାନେ କିପରି ସୂଚନା ପାଉଛନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୈନିକ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ବୋଲଗଡ଼ ଠାରୁ ଆରମ୍ଭ କରି ଚିଲିକା, ବାଣପୁର ପର୍ଯ୍ୟନ୍ତ ଚୋରାଚାଲାଣ ମାଫିଆ ସକ୍ରିୟ ରହିଛନ୍ତି। ରାଜନୈତିକ ଛତ୍ରଛାୟା ତଳେ କାୟା ବିସ୍ତାର କରିବାରେ ଲାଗିଛନ୍ତି। ଖଣି ମାଫିଆଙ୍କ ଯୋଗୁ ଖୋର୍ଦ୍ଧା ଜିଲା ଭୌଗଳିକ ସ୍ଥିତି ନଷ୍ଟ ହେବାକୁ ବସିଛି। ଚାଷ ଜମି, ସରକାରୀ ଜମିରୁ ପଥର ଚାଲାଣ ଫଳରେ ଗର୍ତ୍ତ ସୃଷ୍ଟି ହେଉଛି। ଏଥିରେ ଗୋରୁଗାଈ ପଡି ଆହତ ହେଉଥିବା ନଜିର ରହିଛି। ଏପରିକି ଚାଷ କାମ ବାଧାପ୍ରାପ୍ତ ହେଉଛି। ଖଣି ମାଫିଆଙ୍କ ଉପରେ ରୋକ ଲଗା ନ ଗଲେ, ଆଗକୁ ଖୋର୍ଦ୍ଧା ସହର ଲଘୁ ଖଣିଜ ସମ୍ପଦ ଲୋପ ପାଇଯିବା ସହ ଚାରିଆଡେ ମରୁଭୂମି ପାଲଟିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି। ଏନ୍‌ଜିଟିର ଛାଟ ପରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରାଯିବ ସହ କେତ୍ଜେଣ ଚୋରାଚାଲାଣକାରୀଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି। ତେବେ ଏବେ ଶୀଥିଳତା ଯୋଗୁ ପୁଣି ଥରେ ଚୋରା ଚାଲାଣ ବଢିବାରେ ଲାଗିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତିକ ଜିଲା ପ୍ରଶାସନ ପକ୍ଷରୁ ଲଘୁ ଖଣିଜ ଚୋରା ଚାଲାଣ ରୋକିବା ଲାଗି ସ୍ୱତନ୍ତ୍ର ଟାକ୍ସଫୋର୍ସ ଗଠନ କରାଯାଇଛି। ବିଭିନ୍ନ ତହସିଲ ପକ୍ଷରୁ ରୀତିମତ ଭାବେ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଉଛି।

## ଗୋଚର ଜମିରୁ ପଥର ଉତ୍ତୋଳନ ବନ୍ଦ ପାଇଁ ଦାବି କଲେ ଗ୍ରାମବାସୀ



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**ଖୋର୍ଦ୍ଧା ଅଫିସ,୩।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସଦର ଥାନା ବାଘଟାଙ୍ଗୀ ଗ୍ରାମରେ ଥିବା ଏକର ଏକର କାଜୁ ଜଙ୍ଗଲରୁ ମାଙ୍କଡା ପଥର ଚୋରାଚାଲାଣ ଚାଲିଛି। ବେଆଇନ ପଥର ଉତ୍ତୋଳନକୁ ବନ୍ଦ ଦାବିରେ ଗ୍ରାମବାସୀ ସୋମବାର ଜିଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ଗ୍ରାମର କେତେକ ଆଦିବାସୀ ପରିବାର ଦୀର୍ଘ ବର୍ଷ ହେବ ପ୍ରଶାସନର ନିର୍ଦ୍ଦେଶକ୍ରମେ ଗୋଚର ଜମିରେ କାଜୁ ଚାରା ରୋପଣ କରି ତାର ଯତ୍ନ ନେଉଛନ୍ତି। ୨୫ଏକରରୁ ଉର୍ଦ୍ଧ୍ୱ ଜମିରେ ଖାତା ନଂ.୮୭୯ ଓ ୧୦୫୭ରେ ୧୫ଶହରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ତେବେ ଦୁଇ ସପ୍ତାହ ହେବ କେତେଜଣ ଖଣି ମାଫିଆ ଏହି ଗୋଚର ଜମିରୁ କାଜୁ ଗଛକୁ କାଟି ସେଠାରୁ ବେଆଇନ ଭାବେ ମୋରମ ଓ ମାଙ୍କଡା ପଥର ଉତ୍ତୋଳନ କରୁଛନ୍ତି। ଏଥିଲାଗି ହାଇୱା, ଟ୍ରକ, ଡମ୍ପର ଏବଂ ଏକ୍ସାଭେଟ ଆଦି ବ୍ୟବହାର କରୁଛନ୍ତି। ଗ୍ରାମବାସୀ ଏହାର ପ୍ରଚଣ୍ଡ ଶବ୍ଦରେ ଅଣାୟତ ହୋଇପଡିଲେଣି। ରାତି ସାରା ଏଠାରୁ ପଥର ଉତ୍ତୋଳନ ହେଉଛି। ଏହି କାଜୁ ଜଙ୍ଗଲ ଗ୍ରାମବାସୀଙ୍କ ଜୀବନରେଖା ପାଲଟିଥିବା ବେଳେ ଗୋରୁଗାଈଙ୍କ ଚରାଭୂଇଁ ରହିଥିଲା। ଏବେ ପଥର ଉତ୍ତୋଳନ ଯୋଗୁ ଚାରିଆଡେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଗୋରୁଗାଈ ଚାରଣରୁ ବଞ୍ଚିତ ହୋଇଥିବା ବେଳେ ଏହା ଉପରେ ନିର୍ଭର କରୁଥିବା ପରିବାର ଜୀବିକା ହରାଇଛନ୍ତି। ଏହି ଗୋଚର ଜମିରୁ ବେଆଇନ ପଥର ଉତ୍ତୋଳନ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ୪୮ଘଣ୍ଟା ମଧ୍ୟରେ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ପୋଖରୀରେ ବୁଡ଼ି ମହିଳା ମୃତ

**ବାଲୁଗାଁ,୩।୭(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଥାନା ଅଧୀନ ସାମନ୍ତରାପୁର ଗ୍ରାମ ପୋଖରୀରେ ବୁଡ଼ି ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଏହି ଗ୍ରାମର ଟିକିନି ପଣ୍ଡା(୩୫)। ଦୈନନ୍ଦିନ ଭଳି ସୋମବାର ଭୋର ୪ଟାରେ ଟିକିନି ଗ୍ରାମ ନିକଟ ମଙ୍ଗେଇ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାରୁ ତାଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ଏହା ଦେଖି ଜଣେ ମହିଳା ସ୍ଥାନୀୟ ଗ୍ରାମବାସୀଙ୍କୁ ଡାକିଥିଲେ। ତେବେ ଗ୍ରାମବାସୀ ପହଞ୍ଚି ପୋଖରୀରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଖବରପାଇ ବାଲୁଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରୁ ଟିକିନିଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ଜଟଣୀ,୩।୭(ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମ ଟାଙ୍ଗୀସାହିର ଏସ୍.କେ. ଜାହିର (୧୮)। ସୂଚନା ମୁତାବକ, ମଧ୍ୟାହ୍ନରେ ହାଠାତ୍ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ଘରେ ଜାହିର ମୋବାଇଲ ଫୋନ ବ୍ୟବହାର କରୁଥିବା ବେଳେ ବଜ୍ରପାତ ହେବାରୁ ସେଠାରେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୩) ରୁଜୁ ହୋଇଛି।



ବନ ମହୋତ୍ସବ ସପ୍ତାହ ପରିପ୍ରେକ୍ଷୀରେ ସୋମବାର ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

## ବାଲୁଗାଁ ମହାବିଦ୍ୟାଳୟରେ ବନ ମହୋତ୍ସବ

**ବାଲୁଗାଁ,୩।୭(ସଂଗ୍ରାମ ପାଇକରାୟ)**

ଓଡ଼ିଶା ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶ ଏବଂ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡର ସଂଯୋଜନାରେ ସୋମବାର ବାଲୁଗାଁ ମହାବିଦ୍ୟାଳୟରେ ଏସିଏଫ୍ ପ୍ରମୋଦ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ୟୁନିଟ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲୁଗାଁ ମହାବିଦ୍ୟାଳୟର ଅଧକ୍ଷା ଡ. କଳ୍ପନା ଦାଶ ଯୋଗଦେଇ ପ୍ରଥମେ ଚାରା ରୋପଣ କରିଥିଲେ। ପରେ ଯୁକ୍ତ୨ ଅଧକ୍ଷା ଡ. ଜୟନ୍ତୀ ସାମଲ, ଜାତୀୟ ସେବା ଯୋଜନା ଅଧିକାରୀ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଅଧାପିକା ରୀନା ରାଉତ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ଲେଫ୍ଟନାଣ୍ଟ ଡ. ଅକ୍ଷୟ କୁମାର ମିଶ୍ର, ଅଧାପକ ପ୍ରବୀଣ କୁମାର ଜେନା, ଡ. କୈଳାସ ଚନ୍ଦ୍ର ମହାରଣାଙ୍କ ସମେତ ସମସ୍ତ କ୍ୟାଡେଟ୍, ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଚାରା ରୋପଣ କରି ସବୁଜ ପୃଥିବୀ ଗଠନର ସଙ୍କଳ୍ପ ନେଇଥିଲେ। ବନପାଳ ବନରାମ ନନ୍ଦ, ଫରେଷ୍ଟର ଜିତେନ୍ଦ୍ର କୁମାର ସାହୁ, ବନରକ୍ଷୀ ସ୍ୱର୍ଣ୍ଣପ୍ରଭା ମହାପାତ୍ର, ସ୍ୱାଗତିକା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଢୁଛି ପରିବା ଦର, ଚିନ୍ତାରେ ଖାଉଟି



**ଖୋର୍ଦ୍ଧା,୩।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବଜାରରେ ପରିବା ଦର ବଢିଚାଲିଛି। ଆଳୁ, ପିଆଜକୁ ଛାଡି ଦେଲେ ଅନ୍ୟ ପରିବା ଦର ୫୦ଟଙ୍କା ତଳକୁ ନାହିଁ। ଫଳରେ ଗ୍ରାହକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟମାଟୋ ଦର ଶହେ ତଳକୁ ଖସୁନି। କେଉଁଠି ୧୦୦ ଟଙ୍କା ତ ଆଉ କେଉଁଠି ୧୨୦ଟଙ୍କାରେ ବିକ୍ରି ହେଉଛି। ଫଳରେ ସାଧାରଣ ଖାଉଟିଙ୍କ ହାଣ୍ଡିଶାଳରୁ ଯେପରି ଟମାଟ ଉଭାନ ହୋଇଯାଇଛି। କାକୁଡି ୬୦ରୁ ୮୦ ଟଙ୍କା, ଜହ୍ନି ୬୦, କଲରା ୮୦ରୁ ୧୦୦, ଝୁଡଙ୍ଗ ୧୦୦, ବିନ୍ ୬୦ରୁ ୮୦, କୁନ୍ଦୁରି ୬୦, କଞ୍ଚା କଦଳୀ ଗୋଟାକୁ ୧୫ରୁ ୨୦ ଟଙ୍କା ରହିଛି। ଏପରିକି ପୋଦିନା ପତ୍ର ବିଡା ୨୦ଟଙ୍କା ଦରରେ ବିକ୍ରି ହେଉଥିବା ବେଳେ କଞ୍ଚା ଲଙ୍କା ଦର ମଧ୍ୟ ଅଧିକା ରହିଛି। ଏନେଇ ଗୁରୁଜଙ୍ଗର ପ୍ରଭାତ ବଳିଆରସିଂ କୁହନ୍ତି, ୨ଶହ ଟଙ୍କାର ପରିବା କିଣିଲେ ମଧ୍ୟ ବ୍ୟାଗ ଭର୍ତ୍ତି ହେଉନାହିଁ। ସେହିପରି ବାଘମାରୀ ଅଞ୍ଚଳର ଅଶୋକ ପ୍ରଧାନ କୁହନ୍ତି, ଆମେ ହେଲୁ ଖଟିଖିଆ ମଣିଷ। ଦିନସାରା ଖଟିଲେ, ୨ରୁ ୩ଶହ ଟଙ୍କା ରୋଜଗାର ହୋଇଥାଏ। ତେବେ ପରିବା ଦରକୁ ଦେଖିଲେ ଭୟ ଲାଗୁଛି। ଶହେ ଟଙ୍କାର ପରିବା କିଣିଲେ ମଧ୍ୟ ଆଖିକୁ ଦେଖାଯାଉନାହିଁ। ଅନ୍ୟପକ୍ଷରେ ଏନେଇ ପରିବା ବ୍ୟବସାୟୀ ଦୁର୍ଯ୍ୟୋଧନ ସାହୁ କୁହନ୍ତି, ମୌସୁମୀ ବର୍ଷା ଯୋଗୁ ପରିବା ଆସିପାରୁନାହିଁ। ଫଳରେ ଦର ଉଚ୍ଚା ରହିଛି। ଆଗକୁ ଦର ସ୍ୱାଭାବିକ ହେବା ସମ୍ଭାବନା ରହିଛି।

## ‘ବିଶ୍ୱ ସଂସ୍କୃତିରେ ଗୁରୁ ମାହାତ୍ମ୍ୟ’ ଆଲୋଚନାଚକ୍ର

**ବେଗୁନିଆ,୩।୭(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଁପୁର ଗ୍ରାମ ସ୍ଥିତ ଶିରିଡି ସାଇ ମନ୍ଦିର ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ବ୍ରଜବନ୍ଧୁ ପଣ୍ଡାଙ୍କ ଅଧକ୍ଷତାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଅଖିଳେଶ ପ୍ରସାଦ ପଣ୍ଡା ମୁଖ୍ୟ ଅତିଥି, ଡ.ଅମରେନ୍ଦ୍ର ନାଥ ମହାପାତ୍ର ବକ୍ତାଭାବେ ଯୋଗଦେଇଥିଲେ। ‘ବିଶ୍ୱ ସଂସ୍କୃତିରେ ଗୁରୁ ମାହାତ୍ମ୍ୟ’ ଶୀର୍ଷକ ଆଲୋଚନା ଓ କବିତା ପାଠ କରାଯାଇଥିଲା। ଶିକ୍ଷକ ସନ୍ତୋଷ ମହାପାତ୍ର ମଙ୍ଗଳାଚରଣ ପାଠ କରିଥିବା ବେଳେ ଆବାହକ ଅଭିମନ୍ୟୁ ବେହେରା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେଇଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଗୁରୁ ବନ୍ଦନା ଗୀତିକା ଗାନ କରିଥିଲେ। ଯୁଗେ ଯୁଗେ ବିଶ୍ୱ ସଂସ୍କୃତିରେ ଗୁରୁ ପରମ୍ପରା ଅତୁଳନୀୟ ଅବଦାନ ରହି ଆସିଛି ବୋଲି ଅତିଥିମାନେ କହିଥିଲେ। କବି ପ୍ରସନ୍ନ ମଣ୍ଡଳଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ ଓ ଆଲୋଚନାଚକ୍ରରେ କବୟିତ୍ରୀ ଗୀତାଞ୍ଜଳି ମହାପାତ୍ର, ସାମାଜିକ କର୍ମୀ ଭାଗବତ ମହାପାତ୍ର, ବସନ୍ତ ହୋତା, ଅର୍ଜୁନ ବେହେରା, ମହେନ୍ଦ୍ର ମାର୍ଥା, ଦିବ୍ୟସିଂହ ରଣା, ଶ୍ରୀବତ୍ସ ପାଣିଗ୍ରାହୀ, ଅଶ୍ୱିନୀ ପଟ୍ଟନାୟକ, ବୁଦ୍ଧେଶ୍ୱର ବେହେରା, ନୀଳମଣି ପ୍ରଧାନ, ସାରଥୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ରାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

## ‘ବୃକ୍ଷ ଜନନୀ’ କାର୍ଯ୍ୟକ୍ରମ ଆରମ୍ଭ

**ପୁରୁଣା ଭୁବନେଶ୍ୱର,୩।୭(ସୁବାସ ଚନ୍ଦ୍ର ପ୍ରଧାନ)**

ବନ ମହୋତ୍ସବ ସପ୍ତାହ ପରିପ୍ରେକ୍ଷୀରେ ଜନନୀମାନଙ୍କୁ ନେଇ ଶୁଭାରମ୍ଭ ହୋଇଛି ‘ବୃକ୍ଷ ଜନନୀ’ କାର୍ଯ୍ୟକ୍ରମ। ମହିଳାମାନେ ନିଜର ହାଣ୍ଡିଶାଳରୁ ମଞ୍ଜି ସଂଗ୍ରହ ସହ କ୍ଷୀର ପ୍ୟାକେଟ ଜରିରେ କିପରି ଚାରାଟିଏ ସୃଷ୍ଟି କରିପାରିବେ, ସେହି ଉଦ୍ଦେଶ୍ୟରେ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ଆଦିବାସୀ ପଲ୍ଲୀ କନ୍ଦଲେଇଠାରେ ‘ବୃକ୍ଷ ଜନନୀ’ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଚିନ୍ମୟୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ପ୍ରତିଷ୍ଠାତା ସନ୍ତୋଷୀ ଜୈନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ସୁଶାନ୍ତ ସାହୁ ଯୋଗଦେଇ କହିଥିଲେ, ବୃକ୍ଷରୋପଣ କାର୍ଯ୍ୟକ୍ରମ ହେଉ କିମ୍ବା ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ମହିଳାମାନଙ୍କ ଯୋଗଦାନ ବୃଦ୍ଧି ହେବା ଆବଶ୍ୟକ। ଏହି ଅବସରରେ ଜନନୀମାନେ କ୍ଷୀର ପ୍ୟାକେଟ୍ ଜରି, ମାଟି, ଖତ ଓ ପଣସ ମଞ୍ଜି ଆଦିକୁ ବ୍ୟବହାର କରି ଚାରା ପ୍ରସ୍ତୁତି କରିଥିଲେ। ଉତ୍ତମ ଚାରା ସୃଷ୍ଟି କରିଥିବା ଜନନୀମାନଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ସାମାଜିକ କର୍ମୀ ତ୍ରିଲୋଚନ ବେଉରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଆଦିବାସୀ ପଲ୍ଲୀ କନ୍ଦଲେଇଠାରେ ଅନୁଷ୍ଠିତ ବୃକ୍ଷ ଜନନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ‘ସଚେତନ ହେଲେ ପରିବେଶ ସୁରକ୍ଷିତ ରହିବ’

**କୃଷ୍ଣପ୍ରସାଦ,୩।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବାଲିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୪ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ଏବଂ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ମାଲୁଦର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ଦାସ ସଭାପତିତ୍ୱ କରିଥିଲେ। ରମ୍ଭା ରେଞ୍ଜର ନରସିଂହ ବେହେରା ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ସିଆର୍‌ସିସି ରମାକାନ୍ତ ଜେନା, ସମ୍ମାନିତ ଅତିଥି ବିଦ୍ୟାଳୟ ସଭାପତି ବାବୁଲା ପାହାଣ, ଗ୍ରାମ ସଭାପତି ଉଗ୍ରେସନ ପାହାଣ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀଣା ଦାସ, ଜିତେନ୍ଦ୍ର ସାହୁ, ବନପାଳ ରଶ୍ମିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ପରିବେଶ ସୁରକ୍ଷା ଲାଗି ପ୍ରତ୍ୟକ ବ୍ୟକ୍ତି ସଚେତନ ହେବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଶିକ୍ଷକ ଶେଷଦେବ ବେହେରା ସଭା ପରିଚାଳନା ଓ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ସେହିପରି ସିଆଣ୍ଡି ପଞ୍ଚାୟତର ଅଣୁଆଁସ୍ଥିତ ରଘୁନାଥ ଦେବଙ୍କ ମନ୍ଦିର ପରିସରରେ ବନ ମହୋତ୍ସବ ସପ୍ତାହ ପାଳନ ହୋଇଥିଲା। ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମ୍‌ଙ୍କ ନେତୃତ୍ୱରେ ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ଅଣୁଆଁ ବିନାୟକ କ୍ଲବ ଯୁବକ ସଂଘର କର୍ମକର୍ତ୍ତାଙ୍କୁ ନେଇ ଭଲିବଲ ପ୍ରତିଯୋଗିତା ହୋଇଥିଲା। ନୂଆପଡ଼ା ରେଞ୍ଜରଙ୍କ ଟିମ୍ ୨-୧ ପଏଣ୍ଟରେ ବିଜୟୀ ହୋଇଥିଲା। ଯୁବକ ସଂଘର ସମସ୍ତ ସଦସ୍ୟ ଏବଂ ଗ୍ରାମ ମୁଖିଆମାନଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବନପାଳ ବିଶ୍ୱନାଥ ଟୁଡୁ, ବନପାଳ ମୀନା କୁମାରୀ ନାୟକ, ବନରକ୍ଷୀ ଅରୁନ୍ଧତୀ ପୋଟା, ଅଣୁଆଁ ଗ୍ରାମ୍ୟ କମିଟି ସଭାପତି ଦେବରାଜ ଜେନା, ବିନାୟକ କ୍ଲବ ସଭାପତି ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ଲଳିତ ବାରିକ, ଯୁବନେତା ବିଚିତ୍ର ବିଶ୍ୱାଳ ପ୍ରମୁଖ ବୃକ୍ଷହିଁ ଜୀବନ ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ସମସ୍ତ ଖେଳାଳିଙ୍କୁ ଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାପୀଠ ପାରଳା ଜହ୍ନିକୁଦା ପରିସରରେ ମଧ୍ୟ ନୂଆପଡ଼ା ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରା ରୋପଣ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।




୩।୭।୨୦୨୩

| | |
|---|---|
| ୬,୦୫,୬୭୫ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୭୩.୦୫୦ ଗ୍ରାମ୍ |

## ସଂକ୍ଷେପରେ

### ଦୁର୍ଘଟଣାଗ୍ରସ୍ତ ବସ୍ ଅଟକ: ପର୍ଯ୍ୟଟକ ହଇରାଣ

ଗୋପ,୩।୭(ଭାରତୀ ଭୂଷଣ ଉପାଧ୍ୟାୟ)- ଗୋପ-କୋଣାର୍କ ରାସ୍ତାର ବନାଖଣ୍ଡି ଛକ ନିକଟରେ ସୋମବାର ଗୋଟିଏ ପର୍ଯ୍ୟଟକ ବସ୍ ଏକ ସ୍କୁଟି ଗାଡ଼ିକୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଖବରପାଇ କୋଣାର୍କ ପୋଲିସ ଏହି ପର୍ଯ୍ୟଟକ ବସ୍‌ଟିକୁ ଗୋପ ଥାନା ନିକଟରେ ଅଟକାଇଥିଲା। ଏଥିଯୋଗୁ ବସ୍‌ରେ ଥିବା ୪୫ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ୪ଘଣ୍ଟା ଧରି ଅଟକି ରହିଥିଲେ। ପରେ ପୋଲିସ ବସ୍‌ର କାଗଜପତ୍ର ଯାଞ୍ଚ କରିବା ସହ ଏକ ମାମଲା ରୁଜୁ କରିବା ପରେ ବସ୍‌ଟିକୁ ଜିମାନାମା ଦେଇ ଛାଡ଼ିଥିଲା। ପ୍ରକାଶ ଯେ, ସୋମବାର ପୁରୀରୁ ପର୍ଯ୍ୟଟକଙ୍କୁ ବିଭିନ୍ନ ସ୍ଥାନ ବୁଲାଇବାକୁ ଆଣିଥିବା ବସ୍ ନମ୍ବର ଓଡି ୦୫ ବି-ଏଫ- ୯୬୭୦ ଗାଡ଼ିଟି କୋଣାର୍କ ନିକଟସ୍ଥ ବନାଖଣ୍ଡି ଛକ ନିକଟରେ ଏକ ସ୍କୁଟିକୁ ଧକ୍କା ଦେଇ ପଳାଇ ଆସିଥିଲା। ସ୍କୁଟି ଚଳାଉଥିବା ନିମାପଡ଼ା ଥାନା ଅଞ୍ଚଳର ସୌମ୍ୟରଞ୍ଜନ ସାହୁ (୧୯) ଓ ରୋଜାଲିନ ଭୋଇ (୧୮) ଆହତ ହୋଇଥିଲେ। ଘଟଣା ସ୍ଥଳରୁ କେତେଜଣ ଯୁବକ କୋଣାର୍କ ପୋଲିସକୁ ଖବର ଦେବା ସହ ଆହତଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସରେ ପଠାଇଥିଲେ। ଖବରପାଇ କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ସଙ୍ଗେ ସଙ୍ଗେ ଦୁର୍ଘଟଣାଗ୍ରସ୍ତ ବସ୍‌ଟିକୁ ଗୋପଠାରେ ଅଟକାଇ ଥିଲେ। କିନ୍ତୁ ଆହତଙ୍କୁ ଭୁବନେଶ୍ୱର ୬ ନମ୍ବର ଡାକ୍ତରଖାନା ପଠାଯାଇଥିଲା। କିନ୍ତୁ ପ୍ରଚଣ୍ଡ ରୌଦ୍ରତାପରେ ବସରେ ଥିବା ପର୍ଯ୍ୟଟକଙ୍କୁ ଦୀର୍ଘ ୪ ଘଣ୍ଟା ଧରି ଅଟକି ରହିଥିଲେ। ଏ ସମ୍ପର୍କରେ କୋଣାର୍କ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

### ନାବାଳିକା ଗର୍ଭବତୀ ଜାଣିବା ପରେ ଶିଶୁ ସୁରକ୍ଷା ବିଭାଗର ତଦନ୍ତ

ଗୋପ,୩।୭(ଭାରତୀ ଭୂଷଣ ଉପାଧ୍ୟାୟ)- ଗୋପ ଥାନା ଅଞ୍ଚଳର ଜଣେ ଦଳିତ ନାବାଳିକା ଗର୍ଭବତୀ ହେବା ପରେ ଏବେ ଏହାକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ପୋଲିସ ଓ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଏହି ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ଏହି ଥାନା ଅଞ୍ଚଳର ଦଳିତ ନାବାଳିକା ଜଣଙ୍କ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ସଦସ୍ୟ ତାଙ୍କୁ ପୁରୀ ସଦର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ନାବାଳିକା ଜଣଙ୍କ ଗର୍ଭବତୀ ଥିବା ଜଣାପଡିଥିଲା। ନାବାଳିକା ହୋଇଥିବାରୁ ପୁରୀ କୁମ୍ଭାରପଡ଼ା ପୋଲିସକୁ ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଥିଲା। ପୋଲିସ ପହଞ୍ଚି ଚିକିତ୍ସାଧୀନ ନାବାଳିକାଙ୍କୁ ସୁରକ୍ଷା ଯୋଗାଇ ଦେଇଥିବା ବେଳେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ଗର୍ଭବତୀ ଘଟଣାରେ କିଏ ଜଡ଼ିତ ରହିଛି ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଏପରି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ବିଭାଗର ଅଧିକାରୀ ମନୋଜ ତ୍ରିପାଠୀଙ୍କୁ ପଚାରିବାରେ ଅଭିଯୋଗ ପରେ ତଦନ୍ତ ମଙ୍ଗଳବାରଠାରୁ ଆରମ୍ଭ କରାଯିବ। ଅପରପକ୍ଷେ ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି, ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଚାଲିଛି। ଅଭିଯୋଗ ଆସିଲେ ମାମଲା ରୁଜୁ କରାଯିବ।

### ସାମାଜିକ କର୍ମୀ ବୀରବରଙ୍କ ଶ୍ରଦ୍ଧାଞ୍ଜଳି ସଭା

କଣାସ,୩।୭(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ବ୍ଲକ ଅଧୀନ ତ୍ରିଲୋଚନପୁର ପଞ୍ଚାୟତର ନୂଆପଡ଼ା ଗ୍ରାମର ସାମାଜିକ କର୍ମୀ ବୀରବର ପ୍ରଧାନଙ୍କ ଏକଦଶାହ ଉପଲକ୍ଷେ ରବିବାର ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଯୁଧିଷ୍ଠିର ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନଗେନ୍ଦ୍ରନାଥ ସୁନ୍ଦରାୟ, ଶିକ୍ଷାବିତ୍ ବିଦ୍ୟାଧର ବିଶ୍ୱାଳ, ଧନେଶ୍ୱର ରାଉତ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶିଳକାନ୍ତ ରାଉତ, ସାମାଜିକ କର୍ମୀ ଶ୍ରୀକାନ୍ତ ପଟ୍ଟଯୋଷୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଅନେକ ବୁଦ୍ଧିଜୀବୀ ଯୋଗଦେଇଥିଲେ। ବୀରବରଙ୍କ ଜୀବନୀ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ୮୭ ଲୁଟେରା ଗିରଫ, ୧୨୩ ମୋବାଇଲ ଜବତ






ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ ସୂଚନା ଦେଉଛନ୍ତି। ଜବତ ମୋବାଇଲ୍ ଫୋନ୍ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି।)

**ପୁରୀ, ୩।୭(ଅଜିତ୍ ମହାନ୍ତି):**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ପୁରୀ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ମୋବାଇଲ ଫୋନ୍ ଓ ମନିପର୍ସ ଲୁଟ ବା ଚୋରି କରିବା ଅଭିଯୋଗରେ ୮୭ଜଣଙ୍କୁ ପୁରୀ ପୋଲିସ ଗିରଫ କରିଛି। ଏମାନଙ୍କଠାରୁ ମୋଟ ୧୨୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୪୪ଜଣ ଓଡ଼ିଶାର ହୋଇଥିବାବେଳେ ୪୩ ଜଣ ଅନ୍ୟ ରାଜ୍ୟର ରହିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ସୋମବାର ପୁରୀ ଟାଉନ ଥାନା ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ ସୂଚନା ଦେଇଛନ୍ତି।

ସିଟି ଡିଏସ୍‌ପି ହରିପ୍ରସାଦ କହିଥିଲେ, ଘୋଷଯାତ୍ରା ସମୟରେ ଯେପରି ଭକ୍ତମାନେ ଲଟେରାଙ୍କ ଶିକାର ନ ହୁଅନ୍ତି ସେଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ୧୧ଟି ଆଣ୍ଟି ସ୍ନାଚିଂ ସ୍କ୍ୱାଡ୍ ଗଠନ କରାଯାଇଥିଲା। ଗୋଟିଏ ସ୍କ୍ୱାଡ୍‌ରେ ଜଣେ ଏସ୍‌ଆଇଙ୍କ ସମେତ ୫ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଏହି ସ୍କ୍ୱାଡ୍ ସାଦା ପୋଷାକରେ ଶ୍ରୀମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର ସମେତ ମରିଚିକୋଟ, ମାର୍କେଟ୍ ଛକ, ମେଡିକାଲ ଛକ, ବଡ଼ଶଙ୍ଖରେ ମୁତୟନ ରହିଥିଲେ। ସେହିପରି ପୋଲିସ ପକ୍ଷରୁ ଲୁଟେରାଙ୍କ ଏକ ଫଟୋ ଆଲବମ୍ ପ୍ରସ୍ତୁତ ହୋଇଥିଲା। ତେବେ ଅଭିଯୁକ୍ତମାନେ ଲୁଟ୍ କରିବା ଓ

**ଓଡ଼ିଶାର ୪୪, ବାହାର ରାଜ୍ୟର ୪୩**

- ରଥଯାତ୍ରା ସମୟରେ ଲୁଟ୍‌ପାଟ୍ କରୁଥିଲେ
- ତୀକ୍ଷ୍ଣ ନଜର ରଖିଥିଲା ପୋଲିସ ଆଣ୍ଟି ସ୍ନାଚିଂ ସ୍କ୍ୱାଡ୍

ଲୁଟ ପାଇଁ ଯୋଜନା କରୁଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଗତ ଜୁନ୍ ୨୦ରୁ ଜୁଲାଇ ୧ ତାରିଖ ମଧ୍ୟରେ ପୁରୀ ସହରର ବିଭିନ୍ନ ଥାନାରେ ଲୁଟ୍‌ପାଟ୍ ନେଇ ୨୦ଟି ମାମଲା ରୁଜୁ ହୋଇଛି। ଏସବୁ ମାମଲାରେ ମୋଟ ୮୭ଜଣ ଲୁଟେରାଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ଓଡ଼ିଶାର ୪୪ଜଣ ଥିବାବେଳେ ପଶ୍ଚିମବଙ୍ଗର ୨୩, ଆନ୍ଧ୍ରପ୍ରଦେଶର ୮, ଉତ୍ତରପ୍ରଦେଶର ୫, ଛତିଶଗଡ଼ର ୪, ଝାଡ଼ଖଣ୍ଡର ଜଣେ, ମଧ୍ୟପ୍ରଦେଶର ଜଣେ ଏବଂ ତେଲଙ୍ଗାନାର ଜଣେ ଅଭିଯୁକ୍ତ ରହିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କଠାରୁ ୧୨୩ଟି ମୋବାଇଲ ଜବତ କରାଯାଇଛି। ତନ୍ମଧ୍ୟରୁ ୬୦ଟି ମୋବାଇଲ ଫୋନ୍‌କୁ ପୋଲିସ ପକ୍ଷରୁ ଉପଯୁକ୍ତ ବ୍ୟକ୍ତି ବା ସମ୍ପୃକ୍ତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ସିଟି ଡିଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ, ସମୁଦ୍ରକୂଳ ଥାନାଧିକାରୀ ଚିନ୍ମୟ ରାଉତ, ବଳିଆପଣ୍ଡା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଏବଂ ସିଂହଦ୍ୱାର ଥାନାଧିକାରିଣୀ ଶ୍ୱେତପଦ୍ମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଭିକାରି, ମାନସିକ ବିକାରଗ୍ରସ୍ତଙ୍କୁ ଥଇଥାନ ପାଇଁ ଅଭିଯାନ

**ପୁରୀ, ୩।୭(ଅଜିତ ମହାନ୍ତି):**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଗହଳି ଇତିମଧ୍ୟରେ ଶେଷ ହୋଇଯାଇଛି। କିନ୍ତୁ ପୁରୀ ସହରର ଗଳିକନ୍ଦିରେ ଅନେକ ଭିକାରୀ ଓ ମାନସିକ ବିକାରଗ୍ରସ୍ତ ଲୋକ ଘୂରିବୁଲୁଛନ୍ତି। ସେମାନଙ୍କୁ ଉଦ୍ଧାର କରି ସେମାନଙ୍କ ଥଇଥାନ ବ୍ୟବସ୍ଥା ପାଇଁ ପୁରୀ ଜିଲା ପ୍ରଶାସନ ତରଫରୁ ପ୍ରୟାସ ଆରମ୍ଭ ହୋଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ସୋମବାର ଏ ନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଗୁରୁବାର ସକାଳ ୮ଟାରୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଦୁଇଦିନିଆ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ଡ୍ରାଇଭ୍ ଚାଲୁ ରହିବ। ଏଥିସହ ବିଭିନ୍ନ ଗଳିକନ୍ଦିରେ ବୁଲୁଥିବା ଭିକାରି ଓ ମାନସିକ ବିକାରଗ୍ରସ୍ତ ଲୋକଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ଜନସାଧାରଣ ମୋବାଇଲ୍ ନମ୍ବର ୯୧୨୪୬୫୪୦୭୨ କିମ୍ବା ୯୩୪୮୫୦୬୦୦୭କୁ ଯୋଗାଯୋଗ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ଫଟୋ ଓ ଲୋକେସନ ହ୍ୱାଟ୍‌ସ୍‌ଆପ୍ କରି ଜଣାଇପାରିବେ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା ସୂଚନା ଦେଇଛନ୍ତି। ସେହିପରି କାର୍ଯ୍ୟକ୍ରମ ପରାମର୍ଶଦାତା ସିଦ୍ଧାର୍ଥ ରାୟ ଏହା ଏକ ସମୟ ଉପଯୋଗୀ ପଦକ୍ଷେପ ବୋଲି କହିବା ସହିତ ପୁରୀ ସହରର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ କ୍ଲବଗୁଡ଼ିକ ନିଜ ଅଞ୍ଚଳରେ ଏହି ଅଭିଯାନକୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି।

# ମହୀପ୍ରକାଶ ମଠରେ ଗୁରୁପୂର୍ଣ୍ଣିମା ପାଳିତ



ଗୁରୁଙ୍କୁ ବନ୍ଦାପନା କରାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି ।)

**ପୁରୀ, ୩।୭(ଅଜିତ୍ ମହାନ୍ତି):**

ପବିତ୍ର ଗୁରୁପୂର୍ଣ୍ଣମା ତଥା ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ ଅବସରରେ ସୋମବାର ପୁରୀ ହରଚଣ୍ଡୀ ସାହିସ୍ଥିତ ଶୈବ ସମ୍ପ୍ରଦାୟର ପ୍ରାଚୀନ ଶ୍ରୀମହୀପ୍ରକାଶ ମଠରେ ଗୁରୁ ପୂର୍ଣ୍ଣମା ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ମହାଦେବଙ୍କ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ପରେ ଭଜନ କୀର୍ତ୍ତନ ସହିତ ଗୁରୁ ପୂଜନ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନେକ ସାଧୁ ମହାତ୍ମା, ଭକ୍ତ ଓ ଶୁଭେଚ୍ଛୁ ଯୋଗଦେଇଥିଲେ। ମଠାଧୀଶ ସ୍ୱାମୀ ଶୁଭାନନ୍ଦ ପୁରୀ ସମସ୍ତଙ୍କୁ ଶୁଭେଚ୍ଛା ଓ ଆଶୀର୍ବାଦ ପ୍ରଦାନ କରିଥିଲେ।

# ହିନ୍ଦୁ ଧର୍ମର ପ୍ରଚାର ପ୍ରସାର ପାଇଁ ଶଙ୍କରାଚାର୍ଯ୍ୟଙ୍କ ଆହ୍ୱାନ

**ପୁରୀ ଗୋବର୍ଦ୍ଧନ ମଠରେ ଗୁରୁପୂର୍ଣ୍ଣିମା ପାଳିତ**

**ପୁରୀ, ୩।୭(ଅଜିତ୍ ମହାନ୍ତି):**



ଗୋବର୍ଦ୍ଧନ ମଠରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ପୂଜନ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି।)

ସନାତନ ହିନ୍ଦୁ ଧର୍ମରେ ପବିତ୍ର ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁପୂର୍ଣ୍ଣିମା ଭାବେ ପାଳନ କରାଯାଏ। ସୋମବାର ଗୁରୁପୂର୍ଣ୍ଣିମା ଅବସରରେ ଗୋବର୍ଦ୍ଧନ ମଠରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଛି। ଗୋବର୍ଦ୍ଧନ ମଠର ମଠାଧିଶ୍ୱର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ସାନ୍ନିଧ୍ୟରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳନ କରାଯାଇଥିଲା। ପ୍ରାତଃ ସମୟରେ ଶଙ୍କରାଚାର୍ଯ୍ୟଙ୍କ ସଚିବ ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ଭଗବାନ ନାରାୟଣଙ୍କ ପାଦୁକା ପୂଜନ ଓ ପାରମ୍ପରିକ ରୀତିନୀତି ସମ୍ପାଦନ କରାଯାଇଥିଲା। ପୀଠର ଅନ୍ତେବାସୀ, ଭକ୍ତବୃନ୍ଦ ଶଙ୍କରାଚାର୍ଯ୍ୟଙ୍କ ଦର୍ଶନ ସହ ପାଦୁକା ପୂଜାର୍ଚ୍ଚନା କରିଥିଲେ। ଭକ୍ତ ଏବଂ ଅନ୍ତେବାସୀ ପୀଠାଧିଶ୍ୱର ଶଙ୍କରାଚାର୍ଯ୍ୟଙ୍କ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେତେଜଣ ଭକ୍ତଙ୍କୁ ଶଙ୍କରାଚାର୍ଯ୍ୟ ଦୀକ୍ଷା ପ୍ରଦାନ କରିଥିଲେ। ଶଙ୍କରାଚାର୍ଯ୍ୟ କହିଥିଲେ, ମହର୍ଷି ବ୍ୟାସଙ୍କ ଆଶୀର୍ବାଦରୁ ସମଗ୍ର ବିଶ୍ୱ ଓ ରାଷ୍ଟ୍ରର କଲ୍ୟାଣ ହେଉ। ରତ୍ନଭଣ୍ଡାର ପ୍ରସଙ୍ଗରେ ସୁପ୍ରିମକୋର୍ଟ ଶ୍ରୀମନ୍ଦିରର ଧାର୍ମିକ ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଗ୍ରହଣ କରିବା ପାଇଁ କହିଛନ୍ତି। ତେଣୁ ଏ ନେଇ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପରିଚାଳନା କମିଟି ମୋ ନିକଟକୁ ଆସିଲେ ମୁଁ ଉଚିତ୍ ପରାମର୍ଶ ଦେବି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ସେହିପରି ଭାରତର ସନାତନ ଧର୍ମ ବା ହିନ୍ଦୁ ଧର୍ମକୁ ସାରା ବିଶ୍ୱରେ ଅଧିକ ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ବ୍ୟକ୍ତି ଆଗେଇ ଆସିବାକୁ ଶଙ୍କରାଚାର୍ଯ୍ୟ ଆହ୍ୱାନ ଦେଇଥିଲେ। ଅପରାହ୍ନରେ ପୀଠ ପରିଷଦସ୍ଥିତ ଭାଗବତ ସମ୍ମିଳନୀ କକ୍ଷରେ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ହିନ୍ଦୁରାଷ୍ଟ୍ର-ସଂଘ, ସନାତନ- ସନ୍ଥ ସମିତି ଏବଂ ରାମରାଜ୍ୟ ପରିଷଦର କର୍ମକର୍ତ୍ତାମାନଙ୍କୁ ଜଗଦ୍‌ଗୁରୁ ଦର୍ଶନ ଓ ଆର୍ଶୀବଚନ ପ୍ରଦାନ କରିଥିଲେ। ସେହିପରି ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଏକ ଧର୍ମସଭାର ଆୟୋଜନ କରାଯାଇଥିଲା। ସଦାସର୍ବଦା ସତ୍‌ମାର୍ଗରେ ରହି ଲୋକଙ୍କ ସେବା କରିବାକୁ ଗୁରୁଜୀ ପରାମର୍ଶ ଦେଇଥିଲେ। ସଭାରେ ଗଜପତି ମହାରାଜା ଯୋଗଦେଇ ଜଗଦ୍‌ଗୁରୁଙ୍କ ଦର୍ଶନ କରିବା ସହ ଆର୍ଶୀବାଦ ନେଇଥିଲେ। ଉତ୍ସବରେ ଭାରତର ୧୫ଟି ରାଜ୍ୟରୁ ପ୍ରତିନିଧିମାନେ ଯୋଗଦେଇଥିଲେ।

# ଆବାସ ପାଇଁ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଅନଶନ

**ଗୋପ,୩।୭(ଭାରତୀ ଭୂଷଣ ଉପାଧ୍ୟାୟ)**

ସରକାରୀ ନିୟମ ଅନୁସାରେ ସରକାରୀ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ଥିବା ଗୋପ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ପଞ୍ଚାୟତ ଅଧୀନ ଗିରିମା ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁ ଆବାସ ପାଇବା ପାଇଁ ସୋମବାର ପୂର୍ବାହ୍ନରେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଦୀର୍ଘ ଘଣ୍ଟା ଧରି କୃଷ୍ଣଚନ୍ଦ୍ର ଅନଶନରେ ବସିବା ପରେ ବିଡିଓ ଦୀପ୍ତିରାଣୀ ଦାସଙ୍କ ଘଟଣାର ତଦନ୍ତ କରିବାର ନିର୍ଦ୍ଦେଶ ଦେବା ପରେ ସେ ଉଠିଥିବା ଜଣାପଡିଛି। ପ୍ରକାଶ ଯେ, ଗୋପ ବ୍ଲକ ଅନ୍ତର୍ଗତ ମହଲପଡା ପଞ୍ଚାୟତର ଗିରିମା ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁ(୫୯) ବିଭିନ୍ନ ସମୟରେ ହୋଇଥିବା ବାତ୍ୟାରେ ସର୍ବସ୍ୱ ହରାଇବା ସହ ଘରଦ୍ୱାର ହରାଇଥିଲେ। ପରେ ସରକାରୀ ନିୟମ ଅନୁସାରେ ତଦନ୍ତ କରାଯିବା ପରେ ଏହି ବ୍ୟକ୍ତି ଜଣଙ୍କ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନାରେ ଗୃହ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। କିନ୍ତୁ ପଞ୍ଚାୟତ କାର୍ଯ୍ୟାଳୟ ବାରମ୍ବାର ଦୌଡ଼ିବା ସତ୍ତ୍ୱେ ଏହି ଗୃହ ପାଇବାରୁ ବଞ୍ଚିତ ହେବାକୁ ପଡ଼ିଥିଲା। କୃଷ୍ଣଚନ୍ଦ୍ର ଆବାସ ଗୃହ ଯୋଜନାରୁ କାହିଁକି ବାଦ ପଡିବା ନେଇ ସୂଚନା ଅଧିକାର ଆଇନ ତଥ୍ୟ ମାଗିବା ପରେ ତାଙ୍କର କୋଠା ଘର ସହିତ ଏକ ଦୁଇ ଚକିଆ ଗାଡ଼ି ଥିବା ନେଇ ବାଦ ପଡିଥିବା ସୂଚନା ମିଳିଥିଲା। କୃଷ୍ଣଚନ୍ଦ୍ର ଏପରି ଅଭିଯୋଗ ସମ୍ପର୍କରେ ଦୀର୍ଘ ୨/ ୩ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କଠାରୁ ଜିଲାପାଳ ପର୍ଯ୍ୟନ୍ତ ଦୌଡ଼ି ନିରାଶ ହେବାକୁ ପଡିଥିଲା। ବାରମ୍ବାର ନିରାଶ ହେବା ପରେ କୃଷ୍ଣଚନ୍ଦ୍ର ସୋମବାର ବ୍ଲକ ସମ୍ମୁଖରେ ଅନଶନରେ ବସିଥିଲେ। ଏପରି ଅଭିଯୋଗ ସମ୍ପର୍କରେ ବିଡିଓ ଦୀପ୍ତି ରାଣୀ ଦାସଙ୍କୁ ପଚାରିବାରେ ପୁନଃ ତଦନ୍ତ କରାଯିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଗୁରୁ ହେଉଛନ୍ତି ଶ୍ରେଷ୍ଠ ମାର୍ଗଦର୍ଶକ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

**ଡେଲାଙ୍ଗ,୩।୭(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ବ୍ଲକର ଖେଲାଉର ପଞ୍ଚାୟତ ଅନ୍ତର୍ଗତ ଶ୍ରୀ ଖେଲେଶ୍ୱର ଦେବଙ୍କ ପୀଠରେ ବ୍ୟାସ ପୂର୍ଣ୍ଣିମା ତଥା ଗୁରୁପୂର୍ଣ୍ଣିମା ଅବସରରେ ଗୁରୁପୂଜା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଅନନ୍ତ ଗୋପାଳ ଗୁରୁଦାସ ପାଲା ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲାର ବିଭିନ୍ନ ବ୍ଲକରୁ ପାଲା ଗାୟକ ଓ ପାଳିଆମାନେ ଯୋଗଦେଇ ଗୁରୁପୂଜା କରିଥିଲେ। ଗୁରୁ ତଥା ପାଲା ଗାୟକ ଓ ସଂଗଠନର ରାଜ୍ୟ ସଭାପତି ମଦନମୋହନ ଜେନା, ଜିଲା ସଭାପତି ଲକ୍ଷ୍ମୀଧର ଦାଶ, ଜ୍ଞାନଗୌରବ କାଶିନାଥ ଜେନା, ଗାୟକ ସୁବର୍ଣ୍ଣ ପ୍ରଫୁଲ୍ଲଚନ୍ଦ୍ର ମହାରଣା, ସତ୍ୟବାଦୀ ତ୍ରିପାଠୀ, ହରିହର ସାମନ୍ତରାୟ, ଗାୟକ ପ୍ରମୋଦ କୁମାର ଜେନା, ଅଭିମନ୍ୟୁ ସ୍ୱାଇଁ, ବରିଷ୍ଠ ଶିକ୍ଷାବିତ୍ ତଥା ପାଲାପ୍ରେମୀ ରମେଶଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଗୁରୁଙ୍କୁ ଶିଷ୍ୟଙ୍କ ସମ୍ପର୍କ ବିଷୟରେ ଆଲୋକପାତ କରିବା ସହିତ ଗୁରୁ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କ ଶ୍ରେଷ୍ଠ ମାର୍ଗଦର୍ଶକ। କୌଣସି ବ୍ୟକ୍ତି ଗୁରୁ ବିନା ସମାଜରେ ମୋକ୍ଷ ପ୍ରାପ୍ତି ହୋଇ ନ ଥାଏ। ଗୁରୁ ସର୍ବଦା ପୂଜନୀୟ ଓ ବନ୍ଦନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପାଲା ସମିତିର ନିରଞ୍ଜନ ମହାରଣା କାର୍ଯ୍ୟକ୍ରମରେ ଆୟୋଜନ କରିବା ସହିତ ପୃଷ୍ଠପୋଷକତାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ପାଲାକାରମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପାଲାଗୁରୁମାନଙ୍କୁ ଶିଷ୍ୟମାନେ ପୁଷ୍ପମାଲ୍ୟାର୍ପଣ ଓ ବନ୍ଦାପନା କରି ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ପରିଶେଷରେ ପାଲାକାରମାନଙ୍କୁ ସଂଗଠନ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ଆଶିଷ ପ୍ରଦାନ କରାଯାଇଥିଲା।

# ଜାତୀୟ କ୍ୟାଡେଟ୍ ପ୍ରତିଯୋଗିତା ପାଇଁ ଜିଲାରୁ ୨ ମନୋନୀତ

**ପୁରୀ, ୩।୭(ଅଜିତ୍ ମହାନ୍ତି)**



ଚଳିତ ମାସ ୫ ତାରିଖରେ ବେଙ୍ଗାଲୁରୁ ଠାରେ ଜାତୀୟ କ୍ୟାଡେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତା ପାଇଁ ଜିଲାରୁ ଦୁଇଜଣ ଜୁଡୋକା ଏସ୍.କ୍ରିଷ୍ଣା ଏବଂ ଦେବଦତ୍ତ ରାଓ ମନୋନୀତ ହୋଇଛନ୍ତି। ଗତ ୧୮ ତାରିଖରେ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଆୟୋଜିତ ଷ୍ଟେଟ୍‌ମେଣ୍ଟ କ୍ୟାଡେଟ୍ ଟ୍ରାଏଲ୍ସରେ ୧୫ ରୁ ୧୮ ବର୍ଷ ବର୍ଗରେ ଭାଗ ନେଇଥିବା ୫ ଜୁଡୋକା ମଧ୍ୟରୁ ଏହି ୨ଜଣ ପ୍ରତିଯୋଗୀ ସ୍ୱର୍ଣ୍ଣପଦକ ହାସଲ କରି ଜାତୀୟ ସ୍ତର ପାଇଁ ମନୋନୀତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ କୋଚ୍ ସବିତା ନନ୍ଦ, ଏନଆଇଏସି କୋଚ୍ ଲକ୍ଷ୍ମଣ ସିଂ, ସିନିୟର ଜୁଡୋକ ମନୋଜ କୁମାର ସାହୁ ପ୍ରମୁଖ ଏହି ଜୁଡ଼ୋକା ଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'ବୁଡ଼ିଯିବାବେଳେ ସମୁଦ୍ରରୁ ଉଦ୍ଧାର ହୋଇଥିଲେ ୮୦'

**ପୁରୀ, ୩।୭(ଅଜିତ ମହାନ୍ତି):**

**ରଥଯାତ୍ରା ସମୟରେ ପୁରୀ ବିଚ୍ ଲାଇଫ୍‌ଗାର୍ଡ ମହାସଂଘର କାର୍ଯ୍ୟକୁ ପ୍ରଶଂସା**

ପୁରୀ ବିଚ୍ ଲାଇଫ୍‌ଗାର୍ଡ ମହାସଂଘ ପକ୍ଷରୁ ଚଳିତ ବର୍ଷ ରଥଯାତ୍ରାରେ ଉତ୍ତମ ସେବା ଯୋଗାଇ ଦିଆଯାଇଥିଲା। ଏହାକୁ ଜିଲା ପ୍ରଶାସନ ତରଫରୁ ପ୍ରଶଂସା କରାଯାଇଛି। ସୋମବାର ପୁରୀ ବିଚ୍ ଲାଇଫ୍‌ଗାର୍ଡ ମହାସଂଘର କର୍ମକର୍ତ୍ତାମାନେ ଜିଲା ପ୍ରଶାସନକୁ ଭେଟି ରଥଯାତ୍ରା ସମୟରେ ସମୁଦ୍ରକୂଳରେ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଯୋଗାଇ ଦିଆଯାଇଥିବା ସେବା ସମ୍ପର୍କରେ ଅବଗତ କରାଇଥିଲେ। ରଥଯାତ୍ରା ସମୟରେ ପର୍ଯ୍ୟଟକ ଓ ଭକ୍ତଙ୍କ ସୁରକ୍ଷା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପୁରୀ ବିଚ୍ ଲାଇଫ୍‌ଗାର୍ଡ ମହାସଂଘ ସହାୟତାରେ ୩ଶହ ଲାଇଫଗାର୍ଡଙ୍କୁ ବେଳାଭୂମିରେ ନିୟୋଜିତ କରାଯାଇଥିଲା। ସମୁଦ୍ରରେ ବୁଡ଼ିଯାଉଥିବା ବେଳେ ୮୦ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ବେଳାଭୂମିରେ ଜିନିଷ ହଜାଇଥିବା ପ୍ରାୟ ୨୦ଜଣଙ୍କୁ ସେମାନଙ୍କ ଜିନିଷ ଫେରାଇ ଦିଆଯାଇଛି। ସେହିପରି ହଜିଯାଇଥିବା ୬ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ବୋଲି ବୋଲି ମହାସଂଘ ସଭାପତି ବାଡ଼ି ଶିବା ରାଓ ସୂଚନା ଦେଇଥିଲେ। ଲାଇଫଗାର୍ଡ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ମହାସଂଘ ତରଫରୁ ଚକ୍ରତୀର୍ଥଠାରୁ ଷ୍ଟର୍ଲିଂ ପର୍ଯ୍ୟନ୍ତ ୫ଟି ଲାଇଫଗାର୍ଡ ଷ୍ଟେଶନ ଖୋଲାଯାଇ ପର୍ଯ୍ୟଟକ ଏବଂ ଭକ୍ତଙ୍କୁ ପ୍ରାଥମିକ ଚିକିତ୍ସା ଓ ପାନୀୟଜଳ ଯୋଗାଇ ଦିଆଯାଇଥିଲା। ନୀଳାଦ୍ରିବିଜେ ପରଦିନ ମହାସଂଘର ସଦସ୍ୟମାନେ ସାମୂହିକ ଭାବେ ବେଳାଭୂମି ସଫେଇ କରିଥିଲେ ବୋଲି ସମ୍ପାଦକ ହ୍ୟାରୀ ରାଓ କହିଥିଲେ। ଚଳିତ ବର୍ଷ ଜିରୋ ଡ୍ରାଉନିଂ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା ବୋଲି ମହାସଂଘ ମୁଖ୍ୟ ପରାମର୍ଶଦାତା ସିଦ୍ଧାର୍ଥ ରାୟ କହିଥିଲେ। ପୁରୀ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ମହାସଂଘର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ବେଳାଭୂମିରେ ଲାଇଫଗାର୍ଡିଂ ସିଷ୍ଟମକୁ ଆହୁରି ବ୍ୟାପକ କରାଯିବ ବୋଲି କହିଥିଲେ। ଏହି ଅବସରରେ ମହାସଂଘର ଉପସଭାପତି ବାଡ଼ି ଏରାୟା,ଏଲ୍. ନାରାୟଣ ବେହେରା, ଜି. ରମେଶ, ଓଡ଼ି କୁସୁ ରାଓ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପିପିଲି ସ୍ମାସରକୁ ହରାଇ ପୋଲିସ ପ୍ରଶାସନ ଚାମ୍ପିୟନ

**ପିପିଲି,୩।୭(ଦୁର୍ଗାମାଧବ ମିଶ୍ର)**



ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି ।

**ପ୍ରଦୀପ ମହାରଥୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ପ୍ରଦୀପ ମହାରଥୀ ସ୍ମୃତି କମିଟି ପକ୍ଷରୁ ପିପିଲି ଜବାହର ବିଦ୍ୟାପୀଠ ପରିସରରେ ୨ୟ ବାର୍ଷିକ ପ୍ରଦୀପ ମହାରଥୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ସ୍ମାସର ଦଳକୁ ପିପିଲି ପୋଲିସ ପ୍ରଶାସନ ଦଳ ୨୪ ରନ୍‌ରେ ହରାଇ ଏ ବର୍ଷର ଚାମ୍ପିୟନ ଦଳ ଭାବେ ବିବେଚିତ ହୋଇଛି। ଦିବଂଗତ ନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ୬୮ତମ ଜନ୍ମ ବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ଟୁର୍ନାମେଣ୍ଟରେ ୮ଟି ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ପିପିଲି ପୋଲିସ ପ୍ରଶାସନ ଏବଂ ପିପିଲି ସ୍ମାସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପିପିଲି ପୋଲିସ ପ୍ରଶାସନ ଟସ୍ ଜିତି ବ୍ୟାଟିଂ କରି ୫ ଓଭରରେ ୫ ଉଇକେଟ ହରାଇ ୮୫ ରନ ସଂଗ୍ରହ କରିଥିଲା। ଜବାବରେ ପିପିଲି ସ୍ମାସର ୫ ଓଭରରେ ୬ ଉଇକେଟ ହରାଇ ୬୧ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ସ୍ୱର୍ଗତ ମହାରଥୀଙ୍କ ସ୍ତ୍ରୀ ତଥା ପ୍ରାକ୍ତନ ଅଧ୍ୟାପିକା ଡ. ପ୍ରତିଭା ମହାରଥୀ ଉଦ୍‌ଘାଟକ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱର୍ଗତ ମହାରଥୀଙ୍କ ପୁଅ ତଥା ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ ସଭାପତି ସଂଗ୍ରାମ କେଶରୀ ପାଇକରାୟ, ରୁପେଶ ପାଣିଗ୍ରାହୀ, ସାମାଜିକ କର୍ମୀ ଜାଗୃତି ପଣ୍ଡା ମହାରଥୀ, ପିପିଲି ବ୍ଲକ ବିଡିଓ ରଶ୍ମିତା ନାଥ, ତହସିଲଦାର ପୁନମ୍ ମହାପାତ୍ର, ଡେଲାଙ୍ଗ ବ୍ଲକ ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନି ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ମହାରଥୀ, ପୁରୀ ଜିଲା ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ପିପିଲି ଏନ୍‌ଏସି ବିଜେଡି ସଭାପତି ଶରତ ବେହେରା, ଦେବାଶିଷ ନନ୍ଦ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ଚମ୍ପିୟାନ ଟ୍ରଫି ଓ ରନର୍ସ ଅପ ଦଳକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ପୋଲିସ ପ୍ରଶାସନର ଖେଳାଳି ସ୍ୱାଧୀନ ପାତ୍ର ମ୍ୟାନ ଅଫ୍ ଦି ମ୍ୟାଚ ଓ ପିପିଲି ସ୍ମାସର ଖେଳାଳି ଅମିତ ସ୍ୱାଇଁ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ରାଜ୍ୟ ଯୁବ ବିଜେଡି ସମ୍ପାଦକ ବିଶ୍ୱଜିତ୍ ଦାଶ ଟୁର୍ନାମେଣ୍ଟ ପରିଚଳନା କରିଥିଲେ। ଅମ୍ପାୟର ଭାବେ ସନ୍ତୋଷ ବରାଳ ଓ ଅନିଲ ଆଲୁକ ମ୍ୟାଚ ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୨୧ତମ ଶ୍ରାଦ୍ଧୋତ୍ସବ, କଳିଙ୍ଗ ଷ୍ଟାଡିୟମ୍ ନିକଟ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ୨୩ତମ ବାର୍ଷିକୋତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ରୂପଶ୍ରୀ କଳା ମନ୍ଦିର ପକ୍ଷରୁ ୧୧ତମ ଶ୍ରୀମନ୍ଦିର ମାହାରି ପରମ୍ପରା-୨୦୨୩, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ୨୩ ଜିଲାରେ ୫୦ ପେପରଲେସ୍ କୋର୍ଟ ଆରମ୍ଭ

କଟକ,୩।୭(କାର୍ତ୍ତିକ ସାହୁ)

- ଆଉ ମାସକରେ ପୁଣି ୫୦ ପେପରଲେସ୍ କୋର୍ଟ ଖୋଲିବ
- ବିଚାର ବିଭାଗରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ବୃଦ୍ଧି ହୋଇଛି: ମୁଖ୍ୟ ବିଚାରପତି


ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଭର୍ଚୁଆଲ ମାଧ୍ୟମରେ ପେପରଲେସ୍ କୋର୍ଟଗୁଡ଼ିକୁ ଉଦ୍‌ଘାଟନ କରୁଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

ରାଜ୍ୟର ୨୩ଟି ଜିଲାରେ ସୋମବାରଠାରୁ ୫୦ଟି ପେପରଲେସ୍ କୋର୍ଟ କାର୍ଯ୍ୟକ୍ଷମ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଭର୍ଚୁଆଲ ମାଧ୍ୟମରେ ପେପରଲେସ୍ କୋର୍ଟଗୁଡ଼ିକୁ ଉଦ୍‌ଘାଟନ କରି କହିଲେ, ଦ୍ୱିତୀୟ ପର୍ଯ୍ୟାୟରେ ୫୦ଟି ପେପରଲେସ୍ କୋର୍ଟ ଆରମ୍ଭ ହୋଇଛି। ଅବଶିଷ୍ଟ ୫୦ଟି ପେପରଲେସ୍ କୋର୍ଟ ପରବର୍ତ୍ତୀ ପର୍ଯ୍ୟାୟରେ ମାସକ ମଧ୍ୟରେ କାର୍ଯ୍ୟକ୍ଷମ ହେବ। କୋଭିଡ୍ ମହାମାରୀ ଯୋଗୁ ବିଚାର ବିଭାଗରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ବୃଦ୍ଧି ପାଇଛି। ବିଚାର ବିଭାଗୀୟ ଅଧିକାରୀମାନେ ଅଦାଲତ ପରିଚାଳନାରେ ବୈଷୟିକ ଜ୍ଞାନକୌଶଳକୁ ଅଗ୍ରାଧିକାର ଦେଇଥିବାରୁ ମୁଖ୍ୟ ବିଚାରପତି ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ନିଜର ଅଭିଜ୍ଞତା ବର୍ଣ୍ଣନା କରି ମୁଖ୍ୟ ବିଚାରପତି କହିଲେ, ଡିଜିଟାଲ କେସ୍ ରେକର୍ଡ ବିଚାରପତିମାନଙ୍କ ମାମଲା ପରିଚାଳନା ପାଇଁ ଅପେକ୍ଷାକୃତ ସହଜ ହୋଇଛି। ଯୁବ ଆଇନଜୀବୀମାନଙ୍କ ପାଇଁ ଡିଜିଟାଲ ଡିଭାଇସ୍‌ରେ ମାମଲାର ସଫ୍ଟକପି ପ୍ରାପ୍ତ କରିବା ଇ-ମୋଡ୍‌ରେ ବହୁଭାବେ ଫଳପ୍ରଦ ହୋଇପାରୁଛି। ବିଶେଷକରି ଡିଜିଟାଇଜେଶନ୍, ଇ-ଫାଇଲିଂ ଏବଂ ପେପରଲେସ୍ କୋର୍ଟ ବ୍ୟବସ୍ଥା ଦ୍ୱାରା ନ୍ୟାୟ ପ୍ରଦାନ ପ୍ରକ୍ରିୟା ଅତ୍ୟନ୍ତ ପ୍ରଭାବଶାଳୀ ଓ ସହଜ ହୋଇପାରିଛି ବୋଲି ମୁଖ୍ୟ ବିଚାରପତି କହିଥିଲେ।

ହାଇକୋର୍ଟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ୍ ଇନ୍‌ଫରମେଶନ୍ ଟେକ୍ନୋଲୋଜି କମିଟି ଅଧ୍ୟକ୍ଷ ତଥା ବିଚାରପତି ଶୁଭାଶିଷ ତାଳପତ୍ର କହିଲେ, ବିଚାର ବ୍ୟବସ୍ଥାରେ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନେ ଉପକୃତ ହେବେ। ସାଧାରଣ ଲୋକଙ୍କ ନିକଟରେ ନ୍ୟାୟ ପହଞ୍ଚାଇବା ନିମନ୍ତେ ଓଡ଼ିଶା ଜୁଡ଼ିସିଆରି ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରିଆସୁଛି।

ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେବା ଅବସରରେ କହିଲେ, ପାଶ୍ଚାତ୍ୟ ଦେଶଗୁଡ଼ିକ ପେପରଲେସ୍ କୋର୍ଟ କାର୍ଯ୍ୟକ୍ଷମ କରିବା ପାଇଁ ସଂଘର୍ଷ କରୁଥିବାବେଳେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଉଦ୍ୟମ ଯୋଗୁ ଏହା ଜିଲାସ୍ତରରେ କାର୍ଯ୍ୟକ୍ଷମ ହୋଇପାରିଛି। କାର୍ଯ୍ୟକ୍ରମରେ ବିଚାରପତି ବି.ଆର୍. ଷଡ଼ଙ୍ଗୀ, ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟରର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ସମେତ ହାଇକୋର୍ଟର ବିଚାରପତିମାନେ ଉପସ୍ଥିତ ଥିଲେ। ବିଭିନ୍ନ ଜିଲାକୋର୍ଟରୁ ଜିଲା ଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।

ସୂଚନାଯୋଗ୍ୟ, ୨୦୨୨ ସେପ୍ଟେମ୍ବର ୧୭ରେ ରାଜ୍ୟର ୩୦ ଜିଲା ପାଇଁ ୩୪ଟି ପେପର୍‌ଲେସ୍ କୋର୍ଟକୁ ସୁପ୍ରିମକୋର୍ଟର ତତ୍କାଳୀନ ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତ ଉଦ୍‌ଘାଟନ କରିଥିଲେ। ଗତ ମେ ମାସରେ ଜୁଡିସିଆଲ ଏକାଡେମୀଠାରେ ଅନୁଷ୍ଠିତ ନ୍ୟାଶନାଲ କନ୍‌ଫରେନ୍ସ ଅନ୍ ଡିଜିଟାଇଜେଶନ୍‌ର ଉଦ୍‌ଯାପନୀ ସମାରୋହରେ ପ୍ରଧାନ ବିଚାରପତି ଯୋଗଦେଇ ଆଗାମୀ ୩ମାସ ମଧ୍ୟରେ ୧୦୦ ପେପରଲେସ୍ କୋର୍ଟ ଖୋଲିବା ନିମନ୍ତେ ଆଶାବ୍ୟକ୍ତ କରିଥିଲେ।

## ୧୫ରୁ ଧାନ ବିକ୍ରି ନାମ ପଞ୍ଜୀକରଣ ଆରମ୍ଭ

**କଟକ ସଦର,୩।୭(ସୁଶାନ୍ତ କୁମାର ଜେନା):** ଚଳିତ ମାସ ୧୫ ତାରିଖରୁ ଅଗଷ୍ଟ ୧୬ ମଧ୍ୟରେ ଧାନ ବିକ୍ରି କରିବା ପାଇଁ ଚାଷୀମାନେ ସେମାନଙ୍କର ନିକଟତମ ସମବାୟ ସମିତିରେ ନାମ ପଞ୍ଜୀକରଣ କରିବା ନିମନ୍ତେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ବର୍ଷ ଚାଷୀମାନଙ୍କ ସୁବିଧା ପାଇଁ କଟକ ଜିଲା ପ୍ରଶାସନ କଟକ ସଦର ସମେତ ଅନ୍ୟ ୧୩ଟି ବ୍ଲକରେ ଧାନ କିଣିବା ପାଇଁ ବ୍ୟବସ୍ଥା କରିଛି। ଏ ନେଇ ବିସ୍ତୃତ ଗାଇଡ୍‌ଲାଇନ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପତ୍ର ସଂଖ୍ୟା ୧୦୬୬୭/୧।୭।୨୦୨୩ ରେ ଜାରି କରି ସାରିଛି। ନଭେମ୍ବର ପ୍ରଥମ ସପ୍ତାହରୁ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ୩୦ ଜିଲାରେ ଧାନ କ୍ରୟର ବ୍ୟବସ୍ଥା କରାଯାଇଛି। ମାତ୍ର ଚଳିତ ବର୍ଷ ମାର୍ଚ୍ଚ ମାସରେ ଖୋଲିଥିବା ନୂଆ ସମବାୟ ସମିତିଗୁଡ଼ିକ ନିଜ ଅଞ୍ଚଳର ଚାଷୀମାନଙ୍କ ନାମ ପଞ୍ଜିକରଣ କରିବାର କ୍ଷମତା ପାଇବେ କି ନାହିଁ, ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଏ ସମ୍ପର୍କରେ କଟକ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ଙ୍କୁ ପଚାରିବାରୁ ସମବାୟ ବିଭାଗ ଏହା ଉପରେ ନିଷ୍ପତ୍ତି ନେବେ ବୋଲି କହିଥିଲେ।

## 'ନିୟତି'ର ଟ୍ରେଲର ଲୋକାର୍ପଣ, ୨୧ରେ ମୁକ୍ତିଲାଭ

**ଭୁବନେଶ୍ୱର,୩।୭(ଅନୁରାଧା ମହାରଣା):** ନୂଆ ଓଡ଼ିଆ ଚଳଚ୍ଚିତ୍ର 'ନିୟତି'ର ଟ୍ରେଲର ଓ ଅଡିଓ ସୋମବାର ଲୋକାର୍ପିତ ହୋଇଯାଇଛି। ସମରେଶ ରାଉତରାୟଙ୍କ ପ୍ରସ୍ତୁତି, ଏସ୍ଥ୍ରୀ ମୁଭିଜ ପ୍ରଯୋଜିତ ଏବଂ ରିସା ଫିଲ୍ମସ ସହଯୋଗିତାରେ ନିର୍ମିତ ଏହି ଚଳଚ୍ଚିତ୍ର ଜୁଲାଇ ୨୧ରେ ସାରା ଓଡିଶାରେ ମୁକ୍ତିଲାଭ କରିବ। ଭୁବନେଶ୍ୱର ପ୍ରେସ କ୍ଲବଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ପ୍ରଯୋଜକ ତଥା ଅଭିନେତା ସମରେଶ ରାଉତରାୟ, ନିର୍ଦ୍ଦେଶକ ପିନାକୀ ଶ୍ରୀଚନ୍ଦନ, ଅଭିନେତା ସାନ୍ତୁ, ଅଭିନେତ୍ରୀ ଦିବ୍ୟା, ପୁପୁଲ ଭୂୟାଁ, କେକେ, ସଙ୍ଗୀତ ନିର୍ଦ୍ଦେଶକ ଅନୁରାଗ ପଟ୍ଟନାୟକ ଓ ଅଭିନେତା ଆକାଶ ଦାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାର ପ୍ରଯୋଜନା ପ୍ରେମଲତା ରାଉତରାୟ, ସମରେଶ ରାଉତରାୟ ଓ ସୁଧାଂଶୁ ନାରାୟଣ ମିଳିତ ଭାବେ କରିଥିବାବେଳେ କାହାଣୀ, ଚିତ୍ରନାଟ୍ୟ, ସଂଳାପ ସହିତ ନିର୍ଦ୍ଦେଶନା ଦାୟିତ୍ୱ ପିନାକୀ ଶ୍ରୀଚନ୍ଦନ ନେଇଛନ୍ତି। ମୁଖ୍ୟ ଭୂମିକାରେ ଅଭିନେତା ସାନ୍ତୁ, ଅଭିନେତ୍ରୀ ଦିବ୍ୟା ମହାନ୍ତି ଓ ସମରେଶ ରହିଛନ୍ତି। ଅନ୍ୟ ଭୂମିକାରେ କେକେ, କାହ୍ନା, ପୁପୁଲ ଭୂୟାଁ, ଶୁଭ୍ରାଂଶୁ, ବିଷାନ, ଉଦିତ ଗୁରୁ, ଅଙ୍କିତ ପଟ୍ଟନାୟକ ଏବଂ ଅଭିଜିତ ପାତ୍ର ଅଭିନୟ କରିଛନ୍ତି। ଅନୁରାଗ ପଟ୍ଟନାୟକଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତି, ବିରାଜ, ସବିଶେଷ, ଅନ୍ତରା ଚକ୍ରବର୍ତ୍ତୀ, ଗୀତ୍, ସ୍ମୃତି, ସଞ୍ଜୀବ, ଅନୁରାଗ, କ୍ରିଷ୍ଣା ମିଶ୍ରୀ ପ୍ରମୁଖ ଚଳଚ୍ଚିତ୍ରର ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି।

## କର୍ପୋରେଟରଙ୍କୁ ପାର୍କିଂ ଫି' ଛାଡ଼ କଲା ବିଏମ୍‌ସି

**ଭୁବନେଶ୍ୱର, ୩।୭ (ବନ୍ଦନା ସେଠୀ):** ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ଅଞ୍ଚଳରେ ଗାଡ଼ି ରଖିଲେ କର୍ପୋରେଟରମାନଙ୍କୁ ଆଉ ପାର୍କିଂ ଫି' ଦେବାକୁ ପଡିବ ନାହିଁ। ସହରର ସମସ୍ତ ୬୭ଜଣ କର୍ପୋରେଟରଙ୍କ ପାଇଁ ଏଭଳି ବ୍ୟବସ୍ଥା ଆଣିଛି ବିଏମ୍‌ସି। ସେମାନେ ଜନପ୍ରତିନିଧି ହୋଇଥିବାରୁ ବିଭିନ୍ନ ସ୍ଥାନକୁ ଯିବାକୁ ପଡିଥାଏ। ଭିନ୍ନ ଭିନ୍ନ ସ୍ଥାନରେ ବାରମ୍ବାର ପାର୍କିଂ ଫି ଦେଉଥିବାରୁ କର୍ପୋରେଟରମାନଙ୍କୁ ବହୁ ଅସୁବିଧା ହେଉଛି। ତେଣୁ ସେମାନଙ୍କ ପାଇଁ ପାର୍କିଂ ଫି'କୁ ଛାଡ କରାଯାଇଛି। ମେ' ମାସରେ ହୋଇଥିବା କର୍ପୋରେଶନ ବୈଠକରେ ଏନେଇ ଆଲୋଚନା କରିବା ସହ ପ୍ରସ୍ତାବ ଗୃହୀତ ହୋଇଥିଲା। ତେବେ ସେମାନଙ୍କୁ ପାସ୍ ମିଳି ନ ଥିବାରୁ ତୁରନ୍ତ ସମସ୍ତ କର୍ପୋରେଟରଙ୍କୁ ଗାଡ଼ି ପାର୍କିଂ ପାସ୍ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଖୁବ୍‌ଶୀଘ୍ର ଅଫିସିଆଲ୍ ଅର୍ଡର ପ୍ରକାଶ ପାଇବ।

# ଏସ୍‌ସିବି ମେଡିକାଲ କାର୍ଯ୍ୟ ଅନୁଧ୍ୟାନ କଲେ ୫-ଟି ସଚିବ


ଫଟୋ-ରାକିଶୋର ମହାନ୍ତି

କଟକ,୩।୭ (କାର୍ତ୍ତିକ ସାହୁ)

ବିଶ୍ୱସ୍ତରୀୟ ପଥରେ ଅଗ୍ରସର ହେଉଥିବା ଶ୍ରୀରାମଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲର ନିର୍ମାଣ କାର୍ଯ୍ୟ ସୋମବାର ଅନୁଧ୍ୟାନ କରିଛନ୍ତି ୫-ଟି ସଚିବ ଭି. କେ. ପାଣ୍ଡିଆନ୍। ଆଗାମୀ ଡିସେମ୍ବର ମାସ ସୁଦ୍ଧା ନିର୍ମାଣ ଚାଲିଥିବା ବ୍ଲକଗୁଡ଼ିକର କାର୍ଯ୍ୟ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ଚିକିତ୍ସା ଓ ଶିକ୍ଷା ଅନୁଷ୍ଠାନ ଭାବରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ।

### ଡିସେମ୍ବର ସୁଦ୍ଧା ସାରିବାକୁ ନିର୍ଦ୍ଦେଶ

୫-ଟି ଯୋଜନା ଆଧାରରେ ଏହାର ସମ୍ପ୍ରସାରଣ କାର୍ଯ୍ୟ କରାଯାଉଛି। ୫୦୦୦ ଶଯ୍ୟା ବିଶିଷ୍ଟ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବେ ଗଢ଼ି ତୋଳିବା ପାଇଁ ଏହି ନିର୍ମାଣ କାର୍ଯ୍ୟ ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ପାଣ୍ଡିଆନ ସୋମବାର ସକାଳେ କଟକରେ ପହଞ୍ଚି ଏସ୍‌ସିବିରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏଲ୍‌ଆଣ୍ଡଟି କମ୍ପାନୀ ଦ୍ୱାରା ଚାରୋଟି କ୍ଲିନିକାଲ ବ୍ଲକ ଓ ଏନ୍‌ସିସି ଦ୍ୱାରା ୧୩ଟି ଆବାସିକ ବ୍ଲକର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏହି ସବୁ କାର୍ଯ୍ୟର ତଦାରଖ କରିବା ସହ ଶୀଘ୍ର ନିର୍ମାଣ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ସଚିବ ପାଣ୍ଡିଆନ୍‌ଙ୍କ ସମୀକ୍ଷା ସମୟରେ ପୂର୍ତ୍ତ ବିଭାଗ ସଚିବ ଭି.ଭି.କେ ଯାଦବ, ସିଏମ୍‌ସି କମିଶନର ନିଖିଳ ପଓ୍ୱନ କଲ୍ୟାଣ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଏସସିବି ମେଡିକାଲ କୁଳସଚିବ ଡ. ଅବିନାଶ ରାଉତ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ସମେତ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ଆଜି ସରୁଛି ଯୁକ୍ତ ୩ ନାମଲେଖା ଆବେଦନ

ଭୁବନେଶ୍ୱର,୩।୭(ଅନୁରାଧା ମହାରଣା)

ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ +୩ କଳା, ବିଜ୍ଞାନ ଓ ବାଣିଜ୍ୟ ଏବଂ ସେଲ୍ଫ ଫାଇନାନସିଂରେ ପ୍ରଥମ ବର୍ଷ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ମଙ୍ଗଳବାର ସରୁଛି। ତେବେ ଆବେଦନକାରୀ ପ୍ରଦାନ କରିଥିବା କୌଣସି ତଥ୍ୟ ପରିବର୍ତ୍ତନ କରିବାକୁ ଚାହୁଁଥିଲେ ଜୁଲାଇ ୭ ମଧ୍ୟରେ କରିପାରିବେ। କଟ୍‌ଅଫ୍ ମାର୍କ ଅନୁସାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୧୪ରେ ପ୍ରକାଶ ପାଇବ। ୨୦୨୩-୨୪ ଶିକ୍ଷାବର୍ଷରେ ୧୦୪୨ କଲେଜରେ ମୋଟ ୨ ଲକ୍ଷ ୭୦ହଜାର ୩୪୭ ସିଟ୍ ରହିଛି। କଳା ବିଭାଗର ୧ ଲକ୍ଷ ୫୧ ହଜାର ୯୦୨, ଫିଜିକାଲ ସାଇନ୍ସରେ ୪୬,୧୩୯, ବାୟୋଲୋଜିକାଲ ସାଇନ୍ସରେ ୨୮,୬୯୨, ବାଣିଜ୍ୟର ୩୨,୩୮୦, ସେଲ୍ଫ ଫାଇନାନ୍ସିଂର ୨,୦୮୬ ଓ ସଂସ୍କୃତରେ ୯,୧୪୮ ସିଟ୍ ରହିଛି। ତେବେ ଜୁନ୍ ୧୯ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ସୋମବାର ରାତି ୯ଟା ସୁଦ୍ଧା ୨ ଲକ୍ଷ ୬ ହଜାର ୯୮୮ ଜଣ ପଞ୍ଜୀକରଣ କରିଛନ୍ତି ଓ ଏଥିମଧ୍ୟରୁ ୨ ଲକ୍ଷ ୫ ହଜାର ୯୯୧ ଜଣ ଅନଲାଇନରେ ଦେୟ ପୈଠ କରିଛନ୍ତି। ତେଣୁ ପ୍ରାୟ ୧ଲକ୍ଷ ସିଟ୍ ଖାଲିପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ସୂଚନାଥାଉକି, ଚଳିତବର୍ଷ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟରେ ୨ ଲକ୍ଷ ୮୦ ହଜାର ୩୪୩ଜଣ ପାସ୍ କରିଥିବାବେଳେ ଓଜେଇଇ ସମେତ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ବହୁ ଆବେଦନ କରିଛନ୍ତି।

# ଗେଷ୍ଟହାଉସ୍‌ରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଜଟଣୀ,୩।୭(ରବୀନ୍ଦ୍ର ନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ସୀତାରାମ ଛକସ୍ଥିତ ଏକ ଗେଷ୍ଟହାଉସ୍‌ରୁ ସୋମବାର ପୋଲିସ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଭୁବନେଶ୍ୱର ୟୁନିଟ୍-୬ ଅଞ୍ଚଳର ରଶ୍ମିତା ଏଡଲା(୨୩)। ମଙ୍ଗଳବାର ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି। ଅନ୍ୟପକ୍ଷରେ ମୃତାଙ୍କ ସାନଭାଇ ଦିଗାମ୍ବର ଏଡଲାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୩)ରୁଜୁ କରି ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ମୁତାବକ, ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ରଶ୍ମିତା ହାଉସ୍‌କିପିଂ ବିଭାଗରେ କାର୍ଯ୍ୟ କରନ୍ତି। ରବିବାର ଅପରାହ୍ନରେ ଏକ କାମରେ କଟକ ଯାଉଛନ୍ତି ବୋଲି ଘରେ କହି ରଶ୍ମିତା ଆସିଥିଲେ। ହେଲେ ସେ ଉକ୍ତ ହସ୍ପିଟାଲରେ ହାଉସ୍‌କିପିଂ ବିଭାଗରେ କାର୍ଯ୍ୟ କରୁଥିବା ପୁରୁଷ ବନ୍ଧୁଙ୍କ ସହିତ ସୀତାରାମ ଛକସ୍ଥିତ ଗେଷ୍ଟହାଉସ୍‌କୁ ଆସିଥିଲେ। ସ୍ୱାମୀ ଏବଂ ସ୍ତ୍ରୀର ପରିଚୟ ଦେଇ ସେଠାରେ ଏକ ରୁମ୍ ବୁକ୍ କରିଥିଲେ। ପରିଚୟପତ୍ର ଦେବା ପରେ ଗେଷ୍ଟହାଉସ କର୍ମଚାରୀ ସେମାନଙ୍କୁ ରୁମ୍ ନମ୍ବର ୧୧୩ ଚାବି ପ୍ରଦାନ କରିଥିଲେ। ରାତି ପ୍ରାୟ ୧୦ଟା ୩୦ରେ ପୁରୁଷ ବନ୍ଧୁ ଜଣଙ୍କ ବାହାରକୁ ଖାଇବା ଆଣିବା ପାଇଁ ଯାଇଥିଲେ। ତେବେ ସେ ଆଉ ଗେଷ୍ଟହାଉସ୍‌କୁ ଫେରି ନ ଥିଲେ। ସୋମବାର ସକାଳେ ସଫେଇ କର୍ମଚାରୀ ସଫା କରିବା ପାଇଁ ଯାଇଥିବା ବେଳେ ରୁମ୍ ଭିତରପଟୁ ବନ୍ଦ ରହିଥିଲା। କବାଟ ବାଡ଼େଇଥିଲେ ମଧ୍ୟ ରଶ୍ମିତା କବାଟ ଖୋଲି ନ ଥିଲେ। ଫଳରେ ଏନେଇ ଗେଷ୍ଟହାଉସ ମାଲିକ ଜଟଣୀ ଥାନାକୁ ଜଣାଇଥିଲେ। ଖବରପାଇ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସଦଳବଳ ଗେଷ୍ଟହାଉସ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ରଶ୍ମିତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ରଶ୍ମିତାଙ୍କ ସାନଭାଇ ଦିଗାମ୍ବର, ଭିଣୋଇ ଏବଂ ସମ୍ପର୍କୀୟ ପହଞ୍ଚିବା ପରେ ରୁମ୍‌ର କବାଟ ଭଙ୍ଗାଯାଇଥଲା। ପୋଲିସ ରଶ୍ମିତାଙ୍କ ମୃତଦେହ ଜବତ କରିବା ସହ ତଦନ୍ତକୁ ତ୍ୱରାନ୍ୱିତ କରିଛି ।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନାଟ୍ୟଧାରାରେ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ପରିବେଷିତ ନାଟକ 'ବାଞ୍ଝ'ର ଏକ ଦୃଶ୍ୟ। (ଫଟୋ- ମୌସମ ନନ୍ଦ)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରବୀନ୍ଦ୍ର


@ ଅନିଲ


@ ଅଭିଷେକ


@ ମନିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବିଜେଡି ନେତ୍ରୀ ସଞ୍ଜୁକ୍ତା ମହଲାଙ୍କ ନାଁରେ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୩।୭(ସତ୍ୟଜିତ୍ ରାଉତ)

**ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହେଲେ ମା', ଭାଉଜ, ଭଉଣୀ**

**ନ୍ୟାୟ ନ ମିଳିଲେ ନବୀନ ନିବାସ ସାମ୍ନାରେ ଧାରଣା ଚେତାବନୀ**

ବିଜେଡି ନେତ୍ରୀ ସଞ୍ଜୁକ୍ତା ମହଲାଙ୍କ ନାଁରେ ପରିବାର ଲୋକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏନେଇ ମା', ଭାଉଜ ଓ ସାନ ଭଉଣୀ ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିଛନ୍ତି। ସଞ୍ଜୁକ୍ତାଙ୍କ ମା' ଗଣମାଧ୍ୟମ ଜରିଆରେ କହିଛନ୍ତି, ବଡ଼ ଝିଅ ସଞ୍ଜୁକ୍ତା ତାଙ୍କ ପରିବାର ଲୋକଙ୍କୁ ୫ବର୍ଷ ହେଲା ହଇରାଣ କରୁଛନ୍ତି, ନିର୍ଯାତନା ଦେଉଛନ୍ତି। ଆଇଆର୍‌ବି କୋରାପୁଟରେ କାର୍ଯ୍ୟରତ ପୁଅଙ୍କୁ ସଞ୍ଜୁକ୍ତା ବିଭିନ୍ନ ମାମଲାରେ ଫସାଇଛନ୍ତି। ଏପରି କି ପୁଅଙ୍କ ନାଁରେ ବଳାତ୍କାର କେସ୍ ମଧ୍ୟ ଦେଇଛନ୍ତି। ହତ୍ୟା କରିବାକୁ ଉଦ୍ୟମ କରିଛନ୍ତି। ଦଳ ପକ୍ଷରୁ ଚାପ ପ୍ରୟୋଗ କରାଇ ପୁଅଙ୍କୁ କୋରାପୁଟ୍‌କୁ ବଦଳି କରାଇବା ସହ ଅନ୍ୟତ୍ର ବଦଳି କରାଇ ଦେଉନାହାନ୍ତି। ୧୫ଦିନ ତଳେ ଝିଅ, ବୋହୂ, ପୁଅ ନାଁରେ ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷାରେ ପୋଷ୍ଟ କରିଛନ୍ତି। ପୁଅ ତାଙ୍କୁ (ମା') ପାଖରେ ରଖି ପୋଷିବାରୁ ସଞ୍ଜୁକ୍ତା ଏଭଳି ନିର୍ଯାତନା ଦେଉଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ପୁଅକୁ ହତ୍ୟା କରିବା ସହ ତାଙ୍କ ଚାକିରି ଖାଇବା ପାଇଁ ବଡ଼ ଝିଅ ସଞ୍ଜୁକ୍ତା ଏଭଳି କରୁଛନ୍ତି। ନ୍ୟାୟ ନ ମିଳିଲେ ନବୀନ ନିବାସ ସାମ୍ନାରେ ଧାରଣା ଦେବୁ ବୋଲି ସଞ୍ଜୁକ୍ତାଙ୍କ ମା' ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଭାଉଜ ଶୁଭସ୍ମିତା ପାତ୍ର କହିଛନ୍ତି, ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ସଞ୍ଜୁକ୍ତା ବହୁତ ନିର୍ଯାତନା ଦେଉଛନ୍ତି। ଦୁଇ ଛୁଆକୁ ଧରି ଭୁବନେଶ୍ୱରରେ ରହୁଥିବାବେଳେ ସେ ତାଙ୍କୁ ହତ୍ୟା ଧମକ ଦେଉଛନ୍ତି। ସଞ୍ଜୁକ୍ତା ଜଣେ ନାରୀ ହୋଇ ମଧ୍ୟ ନିଜ ଭାଉଜ ନାଁରେ ନାନା ଅଶ୍ଳୀଳ ଭାଷାରେ ଲେଖିଛନ୍ତି ବୋଲି ସେ କାନ୍ଦି କାନ୍ଦି କହିଛନ୍ତି। ତେବେ ଏନେଇ ସଞ୍ଜୁକ୍ତାଙ୍କୁ ତାଙ୍କ ମୋବାଇଲ୍ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।

ସୂଚନାଯୋଗ୍ୟ, ଏପ୍ରିଲ ଦ୍ୱିତୀୟ ସପ୍ତାହରେ ସଞ୍ଜୁକ୍ତା ମଧ୍ୟ ଚର୍ଚ୍ଚାକୁ ଆସିଥିଲେ। ସେ ଭୁବନେଶ୍ୱର ମହିଳା ଥାନାରେ ପୂର୍ବତନ ଶ୍ରମ ମନ୍ତ୍ରୀଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ମଧ୍ୟ ଆଣିଲେ। ତେବେ ଏହି ଅଭିଯୋଗ ତଥ୍ୟରେ ତାଳମେଳ ନ ଥିବାନେଇ ସେତେବେଳେ ପୋଲିସ ପକ୍ଷରୁ କୁହାଯାଇଥିଲା।

## କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୩।୭
(ସରୋଜ ଜେନା)

ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା। ସୋମବାର ତାମିଲନାଡୁକୁ ୪-୦ରେ ହରାଇ ଦଳ କ୍ୱାର୍ଟାରରେ ସ୍ଥାନ ସୁରକ୍ଷିତ କରିଛି। ଘରୋଇ ଦଳ ପକ୍ଷରୁ ପ୍ରତିଭା ଏକ୍କା(୯ ମିନିଟ୍), ରମ୍ପା କୁଜୁର(୧୬ ମିନିଟ), ଅସୀମା ରାଉତ(୨୯ ମିନିଟ) ଓ ପୂଜା ସାହୁ(୫୮ ମିନିଟ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମ କ୍ୱାର୍ଟରରେ ପ୍ରତିଭା ଗୋଲ ଦେଇଥିବା ବେଳେ ଦ୍ୱିତୀୟ କ୍ୱାର୍ଟରରେ ଅସୀମା ଓ ରମ୍ପା ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟରେ ଗୋଲ ଶୂନ୍ୟ ରହିଥିବା ବେଳେ ମ୍ୟାଚ ଶେଷ ହେବାକୁ ୨ ମିନିଟ ରହିଥିବା ବେଳେ ପୂଜା ଗୋଲ ଦେଇଥିଲେ। ମଙ୍ଗଳବାର ଓଡ଼ିଶା ଏହାର କ୍ୱାର୍ଟର ମୁକାବିଲାରେ ଛତିଶଗଡକୁ ଭେଟିବ।

## ଭାରତୀୟ ଦଳରେ ଓଡ଼ିଶାର ମହମ୍ମଦ ରାଜା

ଭୁବନେଶ୍ୱର, ୩।୭
(ତପନ ସ୍ୱାଇଁ)

ବାହାରିନର ମାନାମାଠାରେ ଏଫ୍‌ଆଇଭିବି (ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ) ୨୧ ବର୍ଷରୁ କମ୍ ପୁରୁଷ ଭଲିବଲ ବିଶ୍ୱ ଚାମ୍ପିୟନଶିପ୍ ଚଳିତ ମାସ ୮ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ

**୨୧ ବର୍ଷରୁ କମ୍ ପୁରୁଷ ଭଲିବଲ ବିଶ୍ୱ ଚାମ୍ପିୟନଶିପ୍**

ସୋମବାର ଭାରତୀୟ ଭଲିବଲ ଦଳ ମନୋନୟନ କରାଯାଇଛି। ଭାରତୀୟ ଦଳରେ ଓଡ଼ିଶାର ମହମ୍ମଦ ରାଜା ସ୍ଥାନ ପାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ଓଡ଼ିଶା ଭଲିବଲ ଆସୋସିଏଶନକୁ ଭାରତୀୟ ଦଳର କୋଚିଂ କ୍ୟାମ୍ପ ପାଇଁ ଅନୁମତି ଦେଇଥିଲା। ପ୍ରାରମ୍ଭିକ



ବାହାରିନ୍‌ରେ ହେବାକୁଥିବା ୨୧ ବର୍ଷରୁ କମ୍ ପୁରୁଷ ଭଲିବଲ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ମନୋନୀତ ଭାରତୀୟ ଦଳର ଖେଳାଳିମାନେ କର୍ମକର୍ତ୍ତା ଓ ଅଫିସିଆଲଙ୍କ ସହ।

ପର୍ଯ୍ୟାୟରେ ୨୦ ଖେଳାଳିଙ୍କୁ ନେଇ କ୍ୟାମ୍ପ ମେ' ୨ରୁ ଜୁଲାଇ ୩ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। କ୍ୟାମ୍ପ ସଫଳତାର ସହ ସମ୍ପନ୍ନ ହେବାପରେ ମନୋନୀତ ୧୨ ଖେଳାଳି ଓ ୪ ଅଫିସିଆଲ ମଙ୍ଗଳବାର ବାହାରିନ ଯାତ୍ରା କରିବେ ବୋଲି ସ୍ଥିର ହୋଇଛି। ଏହି ଦଳରେ କେନ୍ଦ୍ରାପଡ଼ାର ରାଜା ସାମିଲ ହୋଇଛନ୍ତି। ଭିଏଫ୍‌ଆଇ ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳକୁ ଶୁଭକାମନା ଜଣାଇଛନ୍ତି। **ଭାରତୀୟ ଦଳ:** ଦୁଶ୍ୟନ୍ତ ସିଂ (ଅଧିନାୟକ), ଅମନ କୁମାର, ମହମ୍ମଦ ରାଜା, ସନ୍ଦୀପ, ଯୁଗାଙ୍କ ବଲିୟାନ, ସମୀର ଚୌଧାରୀ, ଭରନିଧରନ ଏସ୍., ତନିଶ ଚୌଧାରୀ, ହର୍ଷିତ ଗିରି, ସଚିନ ଡାଗର, କାର୍ତ୍ତିକେୟନ କେ., ଅଜିତ ଶେଖୋ। ମ୍ୟାନେଜର: ଜେ. ନନ୍ଦରାଜନ, ମୁଖ୍ୟ କୋଚ୍: ଜି.ଇ. ଶ୍ରୀଧରନ, ସହକାରୀ କୋଚ୍: ରାଜେଶ କୁମାର ଓ ପ୍ରବୀଣ କୁମାର ଶର୍ମା।

## ମଜୁମଦାର ହୋଇପାରନ୍ତି ଭାରତୀୟ ମହିଳା ଦଳର କୋଚ୍

ନୂଆଦିଲ୍ଲୀ, ୩।୭(ପି.ଟି.)

ଘରୋଇ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଅମୋଲ ମଜୁମଦାର ଭାରତୀୟ ମହିଳା କ୍ରିକେଟ ଦଳର ମୁଖ୍ୟ କୋଚ୍ ହେବାର ସମ୍ଭାବନା ସ୍ପଷ୍ଟ ହୋଇଛି। କ୍ରିକେଟ୍ ପରାମର୍ଶଦାତା କମିଟି(ସିଏସି) ପକ୍ଷରୁ କୋଚ୍‌ଙ୍କ ବ୍ୟକ୍ତିଗତ ସାକ୍ଷାତକାର ସୋମବାର ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା। ଅଶୋକ ମଲହୋତ୍ରା, ଜତିନ୍ ପରାଞ୍ଜପେ ଓ ସୁଲକ୍ଷଣା ନାଏକଙ୍କ ୩ ଜଣିଆ କମିଟି ନିକଟରେ ମଜୁମଦାର ସାକ୍ଷାତକାର ପାଇଁ ଉପସ୍ଥିତ ରହିଥିଲେ। ମଜୁମଦାରଙ୍କ ପ୍ରେଜେଣ୍ଟେସନ୍ ସମସ୍ତଙ୍କୁ ପ୍ରଭାବିତ କରିଥିବା ବେଳେ ସେ କୋଚ୍ ହେବା ସ୍ପଷ୍ଟ ହୋଇଛି। ଏହି ତାଲିକାରେ ସେ ପୂର୍ବତନ ଭାରତୀୟ ଦଳର ମୁଖ୍ୟ କୋଚ୍ ତୁଷାର ଆରୋଥେ ଓ ଡରହାମ୍ କୋଚ୍ ଜନ୍ ଲୁଇସ୍‌ଙ୍କୁ ପଛରେ ପକାଇଛନ୍ତି।

ଯଦି ମଜୁମଦାର ଭାରତୀୟ ଦଳର କୋଚ୍ ଭାବରେ ନିଯୁକ୍ତି ପାଆନ୍ତି ତେବେ ବାଂଲାଦେଶ ସିରିଜ୍ ତାଙ୍କର ପ୍ରଥମ ଦାୟିତ୍ୱ ହେବ। ଡିସେମ୍ବର ୨୦୨୨ ପରଠାରୁ ଭାରତୀୟ ଦଳ ବିନା ମୁଖ୍ୟ କୋଚ୍‌ରେ କାର୍ଯ୍ୟ କରୁଛି। ରମେଶ ପଓ୍ୱାର ବିଦା ହେବା ପରଠାରୁ ଏହି ପଦବୀ ଖାଲି



ଅମୋଲ ମଜୁମଦାର

ପଡିଛି। ବିସିସିଆଇର ଜନୈକ ଅଧିକାରୀଙ୍କ ଅନୁଯାୟୀ ୩ଜଣଙ୍କ ପ୍ରେଜେଣ୍ଟେସନ୍ ବେଶ୍ ଭଲ ଥିଲା ମାତ୍ର ମଜୁମଦାରଙ୍କ ପ୍ରେଜେଣ୍ଟେସନ୍ ଶ୍ରେଷ୍ଠ ଥିଲା। ତେଣୁ ମଜୁମଦାରଙ୍କୁ ଏହି ଦାୟିତ୍ୱ ମିଳିବାର ସମ୍ଭାବନା ଅଧିକ ବୋଲି ଜନୈକ ବିସିସିଆଇ ଅଧିକାରୀ ପ୍ରକାଶ କରିଛନ୍ତି।

## ରାଉରକେଲା, ଭଦ୍ରକ ବିଜୟୀ

ଭୁବନେଶ୍ୱର, ୩।୭
(ସରୋଜ ଜେନା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟରେ ସୋମବାର ବିଜୟୀ ହୋଇଛନ୍ତି ରାଉରକେଲା ଓ ଭଦ୍ରକ। ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ରାଉରକେଲା ୧୦ ଉଇକେଟରେ ପୁରୀକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୨୦ ଓଭରରେ ୫ ଉଇକେଟ ହରାଇ ମାତ୍ର ୩୮ ରନ୍ କରିଥିଲା। ଦଳପକ୍ଷରୁ ଜଣେ ବି ବ୍ୟାଟର ଦୁଇ ଅଙ୍କ ଛୁଇଁ ନ ଥିବା ବେଳେ ଚିରଶ୍ରୀ ରାଉତ ସର୍ବାଧିକ ୮ ରନ୍ ସ୍କୋର କରିଥିଲେ। ରାଉରକେଲା ପକ୍ଷରୁ ଲେଖା ଲୟଲକା ଘାତକ ବୋଲିଂ କରି ମାତ୍ର ୩ ରନ୍ ବ୍ୟୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ରାଉରକେଲା ବିନା କ୍ଷତିରେ ୫ ଓଭରରେ ୩୯ ରନ୍ କରି ବିଜୟୀ ହୋଇଥିଲା। ରଞ୍ଜିତା ରଣସିଂ ଅପରାଜିତ ୨୩ ରନ୍ କରିଥିବା ବେଳେ ନିଧି ସିଂ ଅପରାଜିତ ୯ ରନ୍ କରିଥିଲେ। ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଭଦ୍ରକ ୧୦ ଉଇକେଟରେ ନବରଙ୍ଗପୁରକୁ ପରାସ୍ତ କରିଛି। ନବରଙ୍ଗପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୩୬ ରନ୍ ସ୍କୋର କରିଥିଲା। ଅନନ୍ୟା ରାଉତ, ପୂଜା ଦାସ ଓ ଗାୟତ୍ରୀ ମହାନ୍ତି ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପୂଜା ଦାସ ଓ ଭାଗ୍ୟଶ୍ରୀ ରାଉତଙ୍କ ଅପରାଜିତ ୧୬ ରନ୍ ବଳରେ ବିନା ଉଇକେଟରେ ମ୍ୟାଚ୍ ଜିତି ନେଇଥିଲା ଭଦ୍ରକ।

## ଜାସ୍ପର ଜିତିଲେ ତୃତୀୟ ଷ୍ଟେଜ୍



ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ୩ୟ ଷ୍ଟେଜ ଜିତିବାପରେ ବେଲଜିୟମର ଜାସ୍ପର ଫିଲିପସେନ।

ବିଲ୍‌ବାଓ (ସ୍ପେନ), ୩।୭

ବେଲଜିୟମର ଆଲ୍‌ପେସିନ-ଡେକେୟୁନିଙ୍କ୍ ଟିମ୍ ରାଇଡର ଜାସ୍ପର ଫିଲିପସେନ ଚଳିତ ଟୁର ଡି' ଫ୍ରାନ୍ସ ସାଇକେଲ ରେସ୍‌ର ତୃତୀୟ ଷ୍ଟେଜ୍ ଜିତିଛନ୍ତି। ସୋମବାର ଆମୋରେବେଟା ଇସ୍କାନୋ (ସ୍ପେନ୍)ଠାରୁ ବେଓନି ପର୍ଯ୍ୟନ୍ତ ୧୯୩.୫ (୧୨୦.୨ ମାଇଲ) କିଲୋମିଟର ବିଶିଷ୍ଟ ଫ୍ଲାଟ୍ ଷ୍ଟେଜ୍‌କୁ ଜାସ୍ପର ୪ ଘଣ୍ଟା ୪୩.୧୫ ସେକେଣ୍ଡ ସମୟନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଜର୍ମାନୀର ଫିଲ୍ ବୌହସ ଦ୍ୱିତୀୟ ଓ ଅଷ୍ଟ୍ରେଲିଆର କାଲେସ ଇଓ୍ୱାନ ତୃତୀୟ ସ୍ଥାନରେ ରହିଛନ୍ତି। ତୃତୀୟ ଷ୍ଟେଜ ଶେଷସୁଦ୍ଧା ଗ୍ରେଟ

**ଟୁର୍ ଡି' ଫ୍ରାନ୍ସ**

ବ୍ରିଟେନର ୟୁଏଇ ଟିମ୍ ଏମିରେଟ୍ସ ରାଇଡର ଆଡାମ ୟେଟ୍ସ ଓଭରଅଲ୍ ରାଇଡର୍ସ ଷ୍ଟାଣ୍ଡିଂରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ସ୍ଲୋଭେନିଆର ଟାଡେଜ ପୋଗାକର ଦ୍ୱିତୀୟ ଓ ବ୍ରିଟେନର ସିମନ ୟେଟ୍ସ ତୃତୀୟରେ ରହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଟୁର୍ ଡି' ଫ୍ରାନ୍ସର ପ୍ରଥମ ଷ୍ଟେଜରେ ଆଡାମ ୟେଟ୍ସ ତାଙ୍କ ଯାଆଁଳା ଭାଇ ସିମନ ୟେଟ୍ସଙ୍କୁ ପଛରେ ପକାଇ ପ୍ରଥମ ଷ୍ଟେଜରେ ବିଜୟ ଲାଭ କରିଥିଲେ। ଦ୍ୱିତୀୟ ଷ୍ଟେଜକୁ ଜିତିଥିଲେ ଫ୍ରାନ୍ସର ଭିକ୍ଟର ଲାଫେ।

## ଓଡ଼ିଶା ବଧିର କ୍ରିକେଟ ଦଳ ଘୋଷିତ




ଜାତୀୟ ବଧିର ଟି୨୦ କ୍ରିକେଟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

ଭୁବନେଶ୍ୱର, ୩।୭
(ତପନ ସ୍ୱାଇଁ)

ଆଗାମୀ ଜାତୀୟ ବଧିର ଟି୨୦ କ୍ରିକେଟ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଏକ ବଧିର କ୍ରିକେଟ ଦଳ ଗଠନ କରାଯାଇଛି। ହାଇଟେକ୍ କ୍ରୀଡ଼ା ନିର୍ଦ୍ଦେଶକ ଲଳିତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ୩୯ ଖେଳାଳି ଭାଗ ନେଇଥିଲେ।

**ଜାତୀୟ ଟି୨୦**

ସେମାନଙ୍କ ମଧ୍ୟରୁ ୧୫ ଜଣ ଖେଳାଳି ଚୟନ ହୋଇଥିବାବେଳେ ୪ ଜଣଙ୍କୁ ଷ୍ଟାଣ୍ଡବାଇ ରଖା ଯାଇଛି। ମନୋନୟନ ହୋଇଥିବା ଖେଳାଳିମାନଙ୍କୁ ନେଇ ଜାତୀୟ ପ୍ରତିଯୋଗିତା ପାଇଁ ଅଭ୍ୟାସ ଶିବିର ଚାଲିବ। ଜାତୀୟ ଟି୨୦ ବଧିର କ୍ରିକେଟ ପ୍ରତିଯୋଗିତା ଚଳିତ ବର୍ଷ ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ହାଇଟେକ୍ କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ହେବବୋଲି ଓଡ଼ିଶା ବଧିର କ୍ରିକେଟ ଆସୋସିଏଶନ ସଭାପତି ବିକ୍ରମଜିତ ମହଲା ଓ ସମ୍ପାଦକ ସାଗରକାନ୍ତ ସେନାପତି ଏକ ବିବୃତି ମାଧ୍ୟମରେ ଜଣାଇଛନ୍ତି। **ଓଡ଼ିଶା ବଧିର କ୍ରିକେଟ ଦଳ:** ଶିବନ ନନ୍ଦ (ଅଧିନାୟକ), ରାଜେଶ ମୁଦୁଲି (ଉପ-ଅଧିନାୟକ), ବଣ୍ଟି ଚୌଧୁରୀ, ଅଭିନିତ ଆଚାର୍ଯ୍ୟ, ସୌମ୍ୟ ରଞ୍ଜନ ରାଉତ, ରାଜନ କୁମାର ସାହୁ, ଅମନ ଜେନା, ସନ୍ତୋଷ କୁମାର ମହାପାତ୍ର, ପ୍ରଳୟ ବେହୁରା, ଅଭିଜିତ ସ୍ୱାଇଁ, ସୋଭନ ରଥ, ସୌଭାଗ୍ୟ ମହାନ୍ତି, ସୁଶାନ୍ତ କୁମାର ଦାଶ, ଆନନ୍ଦ ଭୋଇ, ସୁନୀଲ କୁମାର ସାହୁ, ଶ୍ୟାମ କିଶୋର ହରିଚନ୍ଦନ, ହରପ୍ରସାଦ ସାମନ୍ତରାୟ। **ଷ୍ଟାଣ୍ଡବାଇ:** ସୌମ୍ୟ ପ୍ରସାଦ ମିଶ୍ର, ମାନସ କୁମାର ସାମଲ, ଶଶି ଭୂଷଣ ମହାନ୍ତି, ପ୍ରଦୀପ ପାଣ୍ଡେ।

## ଓ୍ୱିମ୍ବଲଡନକୁ ଫେରିଲେ ରୁଷିଆ, ବେଲାରୁଷ ଖେଳାଳି

ଓ୍ୱିମ୍ବଲଡନ (ଇଂଲଣ୍ଡ), ୩।୭ (ଏପି)

ୟୁକ୍ରେନ୍‌ରେ ଯୁଦ୍ଧ ଜାରି ରହିଛି। ରୁଷିଆ ଓ ଏହାର ସହଯୋଗୀ ରାଷ୍ଟ୍ର ବେଲାରୁଷର ଖେଳାଳିମାନେ କିନ୍ତୁ ଓ୍ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାକୁ ବର୍ଷକ ପରେ ଫେରିଛନ୍ତି। ୟୁକ୍ରେନ୍ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଅଲ୍ ଇଂଲଣ୍ଡ କ୍ଲବରେ ଖେଳିବା ଲାଗି ରୁଷିଆ ଓ ବେଲାରୁଷ ଖେଳାଳିଙ୍କ ଉପରେ କଟକଣା ଜାରି କରାଯାଇଥିଲା। ତେବେ ଇତିମଧ୍ୟରେ ତାହା ହଟାଇ ଦିଆଯାଇଛି। ସୋମବାର ସକାଳେ ଦୁଇ ବର୍ଷରେ ପ୍ରଥମ ଓ୍ୱିମ୍ବଲଡନ ମ୍ୟାଚ ଖେଳିଥିଲେ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା। କୋର୍ଟ ୧୫ରେ ଦର୍ଶକମାନେ ଭଦ୍ର କରତାଳି ସହ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଥମ ରାଉଣ୍ଡରେ ସେ ୟୁଆନ୍ ୟୁଇଙ୍କୁ ଭେଟିଥିଲେ। ୩ ସେଟ୍ ବିଶିଷ୍ଟ ଏହି ମ୍ୟାଚରେ ଚାଇନାର ଏହି ଖେଳାଳିଙ୍କୁ ହରାଇବା ଲାଗି ତାଙ୍କୁ ଅଢେଇ ଘଣ୍ଟା ସମୟ ଲାଗିଥିଲା। ମ୍ୟାଚ ଜିତିବା ପରେ ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆଜାରେଙ୍କା ଏକ ସାକ୍ଷାତ୍‌କାରରେ କହିଛନ୍ତି, ସ୍କୋର ବୋର୍ଡରେ ବିପକ୍ଷ ଖେଳାଳି ୟୁଆନ୍‌ଙ୍କ ନାମ ସହ ତାଙ୍କ ଦେଶର ନାମ ସ୍ଥାନ ପାଇଥିଲା। ମାତ୍ର ତାଲିକାରେ ତାଙ୍କ ନାମ ରହିଥିଲେହେଁ ଦେଶର ନାମ ଉଲ୍ଲେଖ ନ ଥିଲା।



ଭିକ୍ଟୋରିଆ ଆଜାରେଙ୍କା

ଅନ୍ୟ କେତେକ କ୍ରୀଡ଼ାରେ ମଧ୍ୟ ଏହି ଭଳି କିଛି ନୀତି ଅନୁସରଣ କରାଯାଉଛି। ରୁଷିଆ କିମ୍ବା ବେଲାରୁଷରେ ଓ୍ୱିମ୍ବଲଡନ ପ୍ରସାରଣ ପାଇଁ ଅନୁମତି ନାହିଁ। ଅଫିସିଆଲ କାର୍ଯ୍ୟସୂଚୀ ହେଉ ଅବା ଅଲ୍ ଇଂଲଣ୍ଡ କ୍ଲବ ଦ୍ୱାରା ପ୍ରଦତ୍ତ ଫଳାଫଳ କିମ୍ବା ମ୍ୟାଚର ଟିଭି ବ୍ରଡକାଷ୍ଟ ସମୟରେ ଗ୍ରାଫିକ୍ସରେ ଦେଶର ନାମ ସ୍ଥାନ ପାଉ ନାହିଁ। ଆଜାରେଙ୍କା କହିଛନ୍ତି, ଏଠାକୁ ଆମେ ଖେଳିବାକୁ ଆସିଛୁ। ତୁମେ କେଉଁ ଦେଶରୁ ପ୍ରତିନିଧିତ୍ୱ କରୁଛ ସେଥିରେ କିଛି ଫରକ ପଡୁ ନାହିଁ। ନିଜର ଶ୍ରେଷ୍ଠ କ୍ରୀଡ଼ା ନୈପୁଣ୍ୟ ଦେଖେଇବାକୁ ଆସିଛୁ। ୧୫ତମ ସିଡ୍ ରୁଷିଆର ଲୁଉଦମିଲା ସାମସୋନୋଭା କିନ୍ତୁ ରୁମାନିଆର ଆନା ବଗଦାନଙ୍କଠାରୁ ହାରିଯାଇଛନ୍ତି। ସୋମବାର ପ୍ରଥମ ଦିବସ ଖେଳରେ ଯେଉଁ ରୁଷୀୟ ଖେଳାଳିମାନେ ବିଜୟ ଲାଭ କରିଛନ୍ତି, ସେମାନେ ହେଲେ ପୁରୁଷ ସିଙ୍ଗଲ୍ସରେ ୭ମ ସିଡ୍ ଆନ୍ଦ୍ରେ ରୁବ୍ଲେଭ ଓ ଅଣସିଡ୍ ଅସ୍‌ଲାନ କରାଟସେଭ ଏବଂ ମହିଳା ସିଙ୍ଗଲ୍ସରେ ଭେରୋନିକା କୁଦରମେତୋଭା। ଲ୍ୟୁଦମିଲା କହିଛନ୍ତି, ଦର୍ଶକ ମହଲରେ ୟୁକ୍ରେନକୁ ସମର୍ଥନ କରି ହୋ ହଲ୍ଲା କିମ୍ବା ପ୍ରତିବାଦ ଦେଖିବାକୁ ମିଳି ନ ଥିଲା। ବରଂ ସେମାନେ ସ୍ୱାଗତ କରିଥିଲେ। ମ୍ୟାଚ ବେଳେ ଉତ୍ସାହିତ କରୁଥିଲେ।

## ଅବଶିଷ୍ଟ ଆଶେସରୁ ବାଦ୍ ପଡ଼ିଲେ ଲିଅନ

**ଲଣ୍ଡନ, ୩।୭ (ପି.ଟି.):** ଡାହାଣ ପେଣ୍ଡାରେ ଆଘାତ ଯୋଗୁ ଅଷ୍ଟ୍ରେଲିଆର ପ୍ରମୁଖ ସ୍ପିନର ନାଥାନ ଲିଅନ୍ ଇଂଲଣ୍ଡ ବିପକ୍ଷ ଅବଶିଷ୍ଟ ଆଶେସ ସିରିଜରୁ ବାଦ୍ ପଡ଼ିଛନ୍ତି। ରବିବାର ଶେଷ ହୋଇଥିବା ଦ୍ୱିତୀୟ ଆଶେସ ଟେଷ୍ଟର ଦ୍ୱିତୀୟ ଦିବସରେ ଫିଲ୍ଡିଂ କରୁଥିବା ଏହି ୩୬ବର୍ଷୀୟ ଅଫ୍ ସ୍ପିନର ଆଘାତପ୍ରାପ୍ତ ହୋଇଥିଲେ। ଅଷ୍ଟ୍ରେଲିଆ ପାଇଁ ଏହା ତାଙ୍କର କ୍ରମାଗତ ୧୦୦ତମ ଟେଷ୍ଟ ମ୍ୟାଚ।

## ଭାରତରେ ବିଶ୍ୱବିଜେତା ଗୋଲକିପର୍

କୋଲକାତା, ୩।୭

ବିଶ୍ୱ ବିଜେତା ଆର୍ଜେଣ୍ଟିନା ଫୁଟବଲ ଦଳର ଗୋଲକିପର ଏମିଲିଆନୋ ମାର୍ଟିନେଜ୍ ଭାରତ ଗସ୍ତରେ ଆସିଛନ୍ତି। ଦକ୍ଷିଣ ଏସିଆ ଟୁର୍‌ରେ ରହିଥିବା ମାର୍ଟିନେଜ୍ ସୋମବାର କୋଲକାତାରେ ପହଞ୍ଚିଥିଲେ। ନେତାଜୀ ସୁଭାଷ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ପରେ ସେ ମୋହନ ବାଗାନ କାର୍ଯ୍ୟାଳୟକୁ ଯାଇଥିଲେ। କାତାର ୨୦୨୨ରେ ଆର୍ଜେଣ୍ଟିନା ପକ୍ଷରୁ ଗୋଲ କିପିଂ କରିଥିବା ଆଷ୍ଟନ ଭିଲାର ଏହି ଗୋଲିଙ୍କୁ ମୋହନ ବାଗାନ ଶାଲ ପ୍ରଦାନ କରାଯାଇଥିଲା। ପଶ୍ଚିମବଙ୍ଗ ବିଧାୟକ ସୁଜିତ ବୋଷ ଓ ମୋହନ ବାଗାନ ସାଧାରଣ ସମ୍ପାଦକ ଦେବାଶିଷ ଦତ୍ତ ଭେଟିଥିଲେ। ଏହି ଗସ୍ତ ସମୟରେ ମାର୍ଟିନେଜ୍ ପେଲେ-ମାରାଡୋନା-ସୋବର୍ସ ଗେଟ୍‌ର ଉଦ୍‌ଘାଟନ କରିବେ ଓ କ୍ଲବ୍ ପକ୍ଷରୁ ମଙ୍ଗଳବାର ତାଙ୍କୁ ସମ୍ବର୍ଦ୍ଧିତ କରାଯିବାର ଯୋଜନା ରହିଥିବା ଜଣାପଡିଛି। ଭାରତରେ ମିଳିଥିବା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପାଇଁ ମାର୍ଟିନେଜ ମୋହନ ବାଗାନ ମାଲିକ ସଞ୍ଜୀବ ଗୋଏଙ୍କାଙ୍କୁ ଏକ ପତ୍ର ଲେଖିଥିବା କ୍ଲବ୍ ପକ୍ଷରୁ କୁହାଯାଇଛି।



ମୋହନ ବାଗାନ ଫୁଟବଲ କ୍ଲବର ସାଧାରଣ ସମ୍ପାଦକ ଦେବାଶିଷ ଦତ୍ତଙ୍କ ସହିତ ଆର୍ଜେଣ୍ଟିନା ଗୋଲକିପର ଏମିଲିଆନୋ ମାର୍ଟିନେଜ୍।




ଓଡ଼ିଶା ସ୍କେଟିଂ ଆସୋସିଏଶନ ପକ୍ଷରୁ ସୋମବାର ସମ୍ବର୍ଦ୍ଧିତ ହେବା ଅବସରରେ ରାଜ୍ୟ ରୋଲର ସ୍କେଟିଂ ଖେଳାଳିମାନେ ଅତିଥିଙ୍କ ଗହଣରେ।

## କୃତୀ ରୋଲର ସ୍କେଟରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩।୭
(ତପନ ସ୍ୱାଇଁ)

ରୋଲର ସ୍କେଟିଂରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭାଗ ନେଇଥିବା ରାଜ୍ୟର ଖେଳାଳିଙ୍କୁ ଓଡ଼ିଶା ସ୍କେଟିଂ ଆସୋସିଏଶନ ପକ୍ଷରୁ ସୋମବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ ଜାତୀୟ ରୋଲର ସ୍କେଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ବିଭିନ୍ନ ବର୍ଗରେ ୭୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କେତେକ ପଦକ ମଧ୍ୟ ହାସଲ କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ଖେଳାଳି ଏସିଆନ ଚାମ୍ପିୟନଶିପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଖେଳାଳିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ଉତ୍ସବରେ ଓଡ଼ିଶା ସ୍କେଟିଂ ଆସୋସିଏଶନ ସଭାପତି ଦିଲ୍ଲୀପ ତିର୍କୀ, କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ରଞ୍ଜିତ ପରିଡ଼ା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ହେବାକୁଥିବା ଇଭେଣ୍ଟ ପାଇଁ ଶୁଭେଚ୍ଛା ଜଣାଇଥିଲେ।

